**ବେକରେ ଦଉଡ଼ି ଦେଇ ଯୁବକଙ୍କ ଆତ୍ମହତ୍ୟା**

ଭବାନୀପାଟଣା,(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ବାଗଡିଆଣି ପଞ୍ଚାୟତ କୁମାରକାନି ଗ୍ରାମରେ ଶୁକ୍ରବାର ବେକରେ ଦଉଡ଼ି ଦେଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତାଙ୍କ ନାମ ଚାକରି ମାଝି (୫୦)। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ଖବର ପାଇ ଘଟଣା ସ୍ଥଳରେ ଥୁଆମୂଳ ରାମପୁର ପୋଲିସ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତଦେହ ଜବତ

କୋକସରା,୧୮।୮(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ଥାନା ଟେମରା ପଞ୍ଚାୟତ ଅନ୍ତର୍ଗତ ର୍ସିଲିଗୁଡା ନିକଟସ୍ଥ କେନାଲ ଦେଇ ଯାଇଥିବା ଜମି ହୁଡ଼ାରୁ ଶୁକ୍ରବାର ମଧ୍ୟାହ୍ନରେ ସନ୍ଦେହଜନକ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ର୍ସିଲିଗୁଡା ଗ୍ରାମର ଦୟାଲୁ ମାଝି (୨୮)। ର୍ସିଲିଗୁଡା ନିକଟସ୍ଥ କେନାଲ ଦେଇ ଯାଇଥିବା ଜମି ହୁଡ଼ାରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଗ୍ରାମବାସୀ ଦେଖି କୋକସରା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇଛି। ସନ୍ଧ୍ୟା ହେବାରୁ ଶନିବାର ବ୍ୟବଚ୍ଛେଦ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଦୟାଲୁ ଶ୍ୱଶୁର ଘର ପିପଲପଡାକୁ ଯାଇଥିବା ବେଳେ ଶୁକ୍ରବାର ମୃତଦେହ ନିଜ ଚାଷଜମିରୁ ଜବତ ହୋଇଛି। ମୃତଦେହ ନିକଟରେ କୀଟନାଶକ ଔଷଧ ପଡିଥିବା ଦେଖିବାକୁ ମିଳିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିବା ଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବା ବୋଲି ପୋଲିସ କହିଛି।

### ଏମ୍. ରାମପୁର ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ

ଏମ୍.ରାମପୁର,୧୮।୮(ଶଶିଭୂଷଣ ପ୍ରହରାଜ)

ମଓବାଦୀ ପ୍ରବଣ କଳାହାଣ୍ଡି ଜିଲା ଏମ. ରାମପୁର ଥାନାରେ ନୂତନ ଥାନାଧିକାରୀ ଭାବେ ସୁଦର୍ଶନ ନାୟକ ଯୋଗଦାନ କରିଛନ୍ତି। ନୂଆପଡ଼ା ଜିଲା ବୋଡ଼େନ ଥାନାରେ ଆଇଆଇସି ଭାବେ ସେ କାର୍ଯ୍ୟ କରୁଥିଲେ। ଆଗକୁ ସାଧାରଣ ନିର୍ବାଚନ ପରିପେକ୍ଷୀରେ କୋରାପୁଟ ପୋଲିସ ରେଞ୍ଜ ପକ୍ଷରୁ ଗତ ମାସରେ ସାମୁହିକ ଭାବେ ଗୋଟିଏ ଜିଲାରୁ ଅନ୍ୟ ଏକ ଜିଲାକୁ ବଦଳି କରାଯାଇଥିଲା। ସୁଦର୍ଶନ ନାୟକ ନୂତନ ଆଇଆଇସି ଭାବେ ଯୋଗଦେଇ ବୁଦ୍ଧିଜୀବୀ, ପୋଲିସ ସହକର୍ମୀ ସହଯୋଗରେ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ କାମ କରିବେ ବୋଲି କହିଛନ୍ତି।

### ବିଭିନ୍ନ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଉଦ୍‌ଘାଟିତ

ଖଡ଼ିଆଳ,୧୮।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଏନଏସିର ସୌନ୍ଦର୍ଯ୍ୟକରଣ ନେଇ ଜନସାଧାରଣଙ୍କ ପାଇଁ ତିଆରି ହୋଇଥିବା ଇୟର ଗେମ କଲେଜ, ଜଗିଙ୍ଗଟ୍ରାକ କଲେଜ, ଦୁଇଟି ସେଲ୍ଫି ପଏଣ୍ଟ ଆମର ଖଡ଼ିଆଳ ଓ ଆଇ ଲଭ ଖଡ଼ିଆଳ, ଲାଲ ବାହାଦୂର ଶାସ୍ତ୍ରୀ ମିନି ପାର୍କ ସ୍ୱାଧୀନତା ଦିବସ ଅବସରରେ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳର ଅଧକ୍ଷ ତରୁଣ ପ୍ରଧାନ, ଅଧାପକ ଡ ପଦ୍ମଲୋଚନ ବର୍ମାଙ୍କ ସମେତ କାଉନସିଲର ଓ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇଥିଲେ।

### ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ପ୍ରମାଣପତ୍ର ଶିବିର

ଖଡ଼ିଆଳ,୧୮।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ କଲ୍ୟାଣ ମଣ୍ଡପ-୨ରେ ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ପ୍ରମାଣପତ୍ର ଶିବିର ଓ ସ୍ୱତନ୍ତ୍ର ମେଡିକାଲ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ ଭାଇ ଭଉଣୀଙ୍କ ପାଇ ନୂଆପଡ଼ାଠାରେ ପ୍ରଥମ ମେଡିକାଲ ବୋର୍ଡ ବୈଠକ ଅନୁଷ୍ଠିତ ହୁଏ। ଏହା ଦ୍ୱାରା ଖଡିଆଳ, ବୋଡ଼େନ ଏବଂ ସିନାପାଲି ଅଞ୍ଚଳ ଦିବ୍ୟାଙ୍ଗମାନେ ଅନେକ ଖର୍ଚ୍ଚାନ୍ତ ହେବା ସହ ଯାତାୟାତ ସମସ୍ୟା ସମ୍ମୁଖୀନ ହେଉଥିଲେ। ଜିଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ମାସ ତୃତୀୟ ମଙ୍ଗଳବାର ଖଡିଆଳଠାରେ ସ୍ୱତନ୍ତ୍ର ମେଡିକାଲ ବୋର୍ଡର ବୈଠକ ସହ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୮୪ ଜଣଙ୍କ ନାମ ପଞ୍ଜୀକରଣ କରାଯାଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଶିବିରରେ ଦୃଷ୍ଟି ସହଜ ବଧିତ ୪୨ଜଣ, ଅସ୍ଥି ଶୈଳରେ ୮୬ ଜଣ, ଶ୍ରାବଣ ବାଧକ ୩୩ଜଣ, ମାନସିକ ରୋଗରେ ୧୨ଜଣ ଏବଂ ଶିକିଲ ସେଲରେ ୧୧ଜଣ ଥିଲେ।

# ବିପଦସଙ୍କୁଳ ଶ୍ରେଣୀ କୋଠରିରେ ପାଠପଢ଼ା

ନୂଆପଡ଼ା,୧୮।୮(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଝଗ୍ରାହୀ ପଞ୍ଚାୟତ କୋଟ୍ରିବାହାଲ ଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିପଦସଙ୍କୁଳ ଶ୍ରେଣୀ କୋଠରିରେ ପାଠପଢ଼ା ଯାଉଛି। ଶ୍ରେଣୀ କୋଠରି ଛାତରୁ ସିମେଣ୍ଟ ଅତଡା ଖସୁଛି। ବିପଦସଙ୍କୁଳ ଶ୍ରେଣୀ କୋଠରିରେ ଛାତ୍ରୀଛାତ୍ର ପାଠ ପଢୁଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୨୯ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ମଧ୍ୟରେ ୬୫ ଛାତ୍ରୀ ଓ ୬୪ ଛାତ୍ର ରହିଛନ୍ତି। ୫ଜଣ ଶିକ୍ଷକ ଶିକ୍ଷାଦାନ କରୁଥିବା ବେଳେ ୮ଟି ଶ୍ରେଣୀକୁ ୪ଟି କୋଠରି ରହିଛି। ୪ଟି କୋଠରି ମଧ୍ୟରୁ ୨ଟି କୋଠରିରେ ପାଣି ଗଳି ଛାତରୁ ଲୁହାରଡ ବାହାରି ସିମେଣ୍ଟ ଅତଡା ପଡୁଛି। କୋଠରି ଅଭାବରୁ ଛାତ୍ରୀଛାତ୍ରମାନେ ବିପଦସଙ୍କୁଳ ଶ୍ରେଣୀ କୋଠରି ଭିତରେ ବସି ଅଧ୍ୟୟନ କରୁଛନ୍ତି। କୋଠରି ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଗୋଟିଏ କୋଠରିରେ ୨ଟି ଶ୍ରେଣୀ ପିଲା ବସି ଅଧ୍ୟୟନ କରୁଛନ୍ତି। ଛାତରୁ ସିମେଣ୍ଟ ଅତଡା ଖସିପଡ଼ି କିଛି ଛାତ୍ରୀଛାତ୍ର ଆହତ ମଧ୍ୟ ହୋଇ ସାରିଲେଣି। ବିଦ୍ୟାଳୟରେ






ବିପଦସଙ୍କୁଳ କୋଟ୍ରିବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

**କୋଟ୍ରିବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

- ୮ ଶ୍ରେଣୀକୁ ୪ କୋଠରି
- ୨ କୋଠରି ଛାତରୁ ଗୁଳୁଛି ପାଣି

ନୂତନ ଭାବେ କୋଠରି ନିର୍ମାଣ ଦିଆଯାଉ ନ ହେଲେ ମରାମତି କରାଯାଉ ବୋଲି ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିଛନ୍ତି। କାହାରି ନଜର ବିଦ୍ୟାଳୟ ଉପରେ ପଡୁନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। କୋଟ୍ରିବାହାଲ-ଝଗ୍ରାହୀ ରାସ୍ତା କଡରେ ବିଦ୍ୟାଳୟ ରହିଛି। ବିଦ୍ୟାଳୟ ଦେଇ ପ୍ରଧାନମନ୍ତ୍ରୀ ରାସ୍ତା ଯାଇଛି। ରାସ୍ତା ନିର୍ମାଣ କରିବା ଦ୍ୱାରା ରାସ୍ତା ଉପର ହୋଇ ବିଦ୍ୟାଳୟ ତଳ ହୋଇ ଯାଇଥିବାରୁ ବର୍ଷା ହେଲେ ବିଦ୍ୟାଳୟ ଭିତରକୁ ପାଣି ପଶି ଯାଉଛି। ବିଦ୍ୟାଳୟ ତଳରେ ବୋହି ଯାଉଥିବା ପାଣି ରହୁଥିବା ବେଳେ ଛାତ ଉପରୁ ପାଣି ଗଳୁଛି। ଏ ସଂକ୍ରାନ୍ତରେ କୋମନା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିତା ପଣ୍ଡାଙ୍କୁ ପଚାରିବାରୁ ମୋ ପାଖରେ ଖବର ନ ଥିଲା। ଆପଣଙ୍କଠାରୁ ମୁଁ ଜାଣିଲି, ନିଜେ ଯାଇ ତଦନ୍ତ କରି ବହୁତଶୀଘ୍ର ସମସ୍ୟା ସମାଧାନ କରାଯିବ ବୋଲି କହିଥିଲେ। ଆଗାମୀ ନିର୍ବାଚନ ପୂର୍ବରୁ ଆବଶ୍ୟକ ଶ୍ରେଣୀ କୋଠରି ନିର୍ମାଣ କରା ନ ଗଲେ ଗ୍ରାମବାସୀ ଭୋଟ ବର୍ଜନ କରିବୁ ବୋଲି ୱାର୍ଡମେମ୍ବର ମାୟାବତି କୁମ୍ଭାର, ଦେବାର ଚିରାଙ୍ଗୁନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଞ୍ଜିତ କୁମ୍ଭାର, ଧବନୀ ଚିରାଙ୍ଗୁଲ, ସୁନମ କୁମ୍ଭାର, ଜଗମୋହନ କୁମ୍ଭାର, ନବ ବନଛୋର,ଦୃବଳ କୁମ୍ଭାର, ଦ୍ରୋଣ ମହାନନ୍ଦ, କେଶବ କୁମ୍ଭାର, ନାନୁ ଚିରାଙ୍ଗୁନ, ବଂଶିଧର ବନଛୋର, ଟିକମନ ଚିରାଙ୍ଗୁଲ, ପାତ୍ର କୁମ୍ଭାର, ରିଖିରାମ କେତକି, ଲକ୍ଷ୍ମଣ ଚିରାଙ୍ଗୁଲ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଜଳସେଚନ ବିଭାଗୀୟ ଅଧିକାରୀଙ୍କ ସହ ବିଧାୟକଙ୍କ ସମୀକ୍ଷା

କୋକସରା,୧୮।୮
(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକରେ ବର୍ଷାର ଅନିୟମିତତା ଯୋଗୁ ଅନେକ ପଞ୍ଚାୟତରେ ସମ୍ଭାବ୍ୟ ମରୁଡି ପରିସ୍ଥିତି ଉପୁଜିଛି। ଧର୍ମଗଡ଼ ବିଧାୟକ ମୋଷଧି ବାଗଙ୍କ ସଭାପତିତ୍ୱରେ କୁସୁମଖୁଣ୍ଟି ଡାକବଙ୍ଗଳାରେ ଇନ୍ଦ୍ରାବତୀ ବାମ କେନାଲ, ମେଗାଲିଫ୍ଟ କେନାଲ ଓ କୋକସରା କ୍ଷୁଦ୍ର ଜଳସେଚନ ବିଭାଗ ଅଧିକାରୀ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମେଗାଲିଫ୍ଟ କେନାଲ ଲଡୁଗାଁ, ଗମ୍ଭାରୀଗୁଡା, ମାଝିଗୁଡା, ଟେମରା, ସାନପୋଡ଼ାଗୁଡ଼ା ପଞ୍ଚାୟତ ଦେଇ ଯାଇଥିବା ବେଳେ ଅନେକ ଅଞ୍ଚଳର ଚାଷୀମାନେ ମେଗାଲିଫ୍ଟ କେନାଲରୁ ଜଳସେଚନ ପାଇବାରୁ ବଞ୍ଚିତ ରହିଛନ୍ତି ବୋଲି ଜନପ୍ରତିନିଧିମାନେ ଅଭିଯୋଗ କରିଥିଲେ। ବିଧାୟକ ଏ ନେଇ ଇନ୍ଦ୍ରାବତୀ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅନିଲ କୁମାର ପାଣିଗ୍ରାହୀ, କୁସୁମଖୁଣ୍ଟି ବାମ କେନାଲ ଅଧୀକ୍ଷଣ ଯନ୍ତ୍ରୀ ତୃପ୍ତ କୁମାର ପାତ୍ର, ମେଗାଲିଫ୍ଟ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ଭୋଇ, କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ବଷ୍ଟି ବାଗଙ୍କ ସହ ଜଳସେଚନ ପରିଚଳନାଗତ ତ୍ରୁଟି ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। କେମିତି ଚଳିତ ଖରିଫ ଋତୁରେ ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ ସେ ନେଇ ଆଲୋଚନା କରିଥିଲେ। ସମୀକ୍ଷା ବୈଠକରେ ଧର୍ମଗଡ଼ ବିଧାନସଭା ସଭାପତି ମାନସ ରଞ୍ଜନ ବାଗ, ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ତ୍ରିନାଥ ବାଗ, ଶଙ୍କର ଜୁଏଡ଼, ଆତ୍ମା ଅଧକ୍ଷ ଋତୁରାଜ ମାଝି, ବ୍ଲକ ବିଜେଡି ସଭାପତି ଶୁସାନ୍ତ କୁମାର ବେହେରାଙ୍କ ସମେତ ଇନ୍ଦ୍ରାବତୀ ବାମ କେନାଲ, ମେଗାଲିଫ୍ଟ କେନାଲ ଓ କ୍ଷୁଦ୍ର ଜଳସେଚନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ୨ ଦଫା ଦାବି ନେଇ ପିଇଓଙ୍କ ଧାରଣା



ଜିଲାପାଳଙ୍କ ଅଫିସ ଆଗରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଧାରଣା।

ନୂଆପଡ଼ା,୧୮।୮(ମକାରୁ ବେମାଲ)

ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ନିର୍ଦ୍ଦେଶକ୍ରମେ ନୂଆପଡା ଜିଲା ଶାଖା ପଞ୍ଚୟତ ନିର୍ବାହୀ ଅଧିକାରୀ ସଂଘ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛି। ଜିଲା ସଭାପତି ଭାନୁ ପ୍ରତାପ ଦଣ୍ଡସେନାଙ୍କ ନେତୃତ୍ୱରେ ଜିଲାର ୧୩୧ଟି ପଞ୍ଚାୟତର ୮୦ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ୨ ଦଫା ସମ୍ବଳିତ ଦାବି ନେଇ ଧାରଣାରେ ବସିଛନ୍ତି। ରାଜ୍ୟ ସରକାରଙ୍କଠାରେ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ସରକାର ସ୍ଥାଣୁ ପାଲଟି ଯାଇଥିବାରୁ ଦାବି ପୂରଣ ନ ହେବା ଯାଏଁ ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ବସିବେ। ସମୁହ ଦାବି ପୂରଣ ପାଇଁ ଅଗଷ୍ଟ ୩ରୁ ସମସ୍ତ ପିଇଓମାନେ ନିଜର କାର୍ଯ୍ୟ କ୍ଷେତ୍ରରେ କଳାବ୍ୟାଜ୍ ପରିଧାନ କରି ଆନ୍ଦୋଳନ ଜାରି ରଖିଥିଲେ। କୌଣସି ସୁଫଳ ନ ମିଳିବାରୁ ଶୁକ୍ରବାରଠାରୁ ସମୁହ ଛୁଟିରେ ଯାଇ ୨ ଦାଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ଧାରଣାକୁ ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ସିଂ ମାଝି, ଭାଜପା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ ସମର୍ଥନ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ନରେଶ କୁମାର ସାହୁ, ଡିକେନ୍ଦ୍ର ମାଝି, ମୋହନ ଚନ୍ଦନ, ମନଧର ବଗର୍ତ୍ତି, ତାପସ ଅଗସ୍ତି, ନନ୍ଦୀ କିଶୋର ପାଢୀ, ସୁଶାନ୍ତ କୁମାର ବେହେରା, ଗିରିଧାରୀ ତାଣ୍ଡି ଓ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଉପସ୍ଥିତ ରହିଛନ୍ତି।

### ଜିଲା ଆଦର୍ଶ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା

ନୂଆପଡ଼ା,୧୮।୮(ମକାରୁ ବେମାଲ)

ନୂଆପଡା ଜିଲା ଆଦର୍ଶ ସାମ୍ବାଦିକ ସଂଘ (ନାସ)ର ସାଧାରଣ ବୈଠକ ଓ ନୂତନ କାର୍ଯ୍ୟକାରୀ ଚୟନ ତରବୋଡ ସମ୍ଭବ ପ୍ରଜେକ୍ଟ ଆମ୍ବ ବଗିଚାଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଖବରଦାତା ବିଜୟ ସହିସଙ୍କ ଅଧ୍ୟକ୍ଷତାରେ ନୂଆପଡା, ସିନାପାଲି, ଖଡିଆଳ, ବୋଡେନ ଓ କୋମନା ବ୍ଲକର ୩୦ରୁ ଉର୍ଦ୍ଧ୍ୱ ଖବରଦାତା ଯୋଗଦେଇଥିଲେ। ଜିଲା କାର୍ଯ୍ୟକାରୀ ସଭାପତିଭାବେ ମୋତିଲାଲ ବାଗ, ସାଧାରଣ ସମ୍ପାଦକ ଟିକେଶ୍ୱର ନାଗ, ଉପସଭାପତି ଜଗନ୍ନାଥ ସାଗର, ସହସମ୍ପାଦକ ଦିଲୀପ ଦଳପତି, କୋଷାଧ୍ୟକ୍ଷ ମାଧବ ପ୍ରସାଦ ସାହୁ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ବିଜୟ ସହିସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜିତ କୁମାର ଯୋଶୀଙ୍କୁ ମନୋନୀତ କରାଯାଇଛି। ସେହିଭଳି ଖଡିଆଳ ବ୍ଲକ ସଂଯୋଜକ ଦେବେଶ ହୋତା, କୋମନା ବ୍ଲକ ପ୍ରଶାନ୍ତ କୁମାର ଭୋଇ, ବୋଡେନ ବ୍ଲକ ଜଗତରାମ ଦଣ୍ଡସେନା, ସିନାପଲି ବ୍ଲକ ବିହାରିଲାଲ ଜଗତ ଓ ନୂଆପଡା ବ୍ଲକ ସଂଯୋଜକ ଭାବରେ ପୁଷ୍ପାଞ୍ଜଳି ଦେବାଙ୍ଗନଙ୍କୁ ମନୋନୀତ କରାଯାଇଛି । ରମେଶ ଶର୍ମା ଓ ଆଇନ ପରାମର୍ଶଦାତା ସଚ୍ଚିନ୍ଦ୍ର ମୋହନ ଯୋଶୀଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି।

# ୧୮୮ ଜଣଙ୍କୁ ୯୯ ଲକ୍ଷ ୩୮ ହଜାର ସହାୟତା ରାଶି ପ୍ରଦାନ




ଜଣେ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

ଜୁନାଗଡ଼,୧୮।୮(ସୁନୀଲ କୁମାର ସିଂହ)

**ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା**

କଳାହାଣ୍ଡି ଜିଲା ଜୁନାଗଡସ୍ଥିତ ଟାଉନହଲଠାରେ ଶୁକ୍ରବାର ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ପ୍ରଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷା ସବିତା ମେହେର, ସ୍ଥାନୀୟ ନଗରପାଳ ମୁକେଶ ଅଗ୍ରୱାଲ, ଭବାନୀପାଟଣା ସମବାୟ ବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରା, ଶ୍ରମିକ ନେତା ବିରଞ୍ଚି ପଣ୍ଡା, ଆଇନଜୀବୀ ଶିଶିର ପଟ୍ଟନାୟକ, ଡିଭିଜନାଲ ଶ୍ରମ କମିଶନର ନରେନ୍ଦ୍ର ରାଇକା, ଡିଆଇପିଆରଓ ମନୋଜ ବେହେରା, ଜିଲା ଶ୍ରମ ଅଧିକାରୀ ସୁବାସ ଚନ୍ଦ୍ର ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ମିଶ୍ର ଓଡିଶା ସରକାର ନିର୍ମାଣ ଶ୍ରମିକମାନଙ୍କ ପାଇଁ ବିଭିନ୍ନ ସହାୟତା ଯୋଜନା ପ୍ରଣୟନ କରିଛନ୍ତି, ଏହାର ସୁଫଳ ପାଇବା ପାଇଁ ନିଜକୁ ନିର୍ମାଣ ଶ୍ରମିକ ରୂପେ ପଞ୍ଜୀକୃତ କରନ୍ତୁ ବୋଲି କହିଥିଲେ। ଶିକ୍ଷା, ବିବାହ, ମୃତ୍ୟୁ, ପ୍ରସୂତକାଳୀନ, ଅନ୍ତେଷ୍ଟିକ୍ରିୟା ଆଦି ସହାୟତା ରାଶି ବାବଦରେ ଶିବିରରେ ସମୁଦାୟ ୧୮୮ଜଣ ନିର୍ମାଣ ଶ୍ରମିକଙ୍କୁ ୯୯ ଲକ୍ଷ ୩୮ହଜାର ୪ଶହ ଟଙ୍କା ସହାୟତା ରାଶି ଡିବିଟି ମାଧ୍ୟମରେ ତାଙ୍କ ଜମା ଖାତାକୁ ପ୍ରେରଣ କରାଯାଇଥିଲା।

# ୯ ଦଫା ଦାବି ନେଇ ବ୍ଲକ ସମ୍ମୁଖରେ କଂଗ୍ରେସର ପ୍ରତିବାଦ



ଭବାନୀପାଟଣା ବ୍ଲକ ସମ୍ମୁଖରେ ଆୟୋଜିତ କଂଗ୍ରେସର ପ୍ରତିବାଦ ସଭା।

ଭବାନୀପାଟଣା/ଗୋଲାମୁଣ୍ଡା/ନର୍ଲା,୧୮।୮(ଉତ୍ତମ କୁମାର ଦାଶ/ବଟକୃଷ୍ଣ ପଣ୍ଡା/ ସନ୍ତୋଷ ପାତ୍ର)

ପ୍ରଦେଶ କଂଗ୍ରେସ ସଭାପତିଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲାର ବିଭିନ୍ନ ବ୍ଲକରେ କଂଗ୍ରେସ ପକ୍ଷରୁ ବ୍ଲକ ଅଫିସ ଘେରାଉ କରାଯିବା ସହ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଭବାନୀପାଟଣାରେ କଂଗ୍ରେସ ବ୍ଲକ ସଭାପତି ସୁବାଷ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ବ୍ଲକ ଅଫିସଠାରେ ଆୟୋଜିତ ପ୍ରତିବାଦ ସଭାରେ ଜିଲା ଯୁବ ସଭାପତି ମହମ୍ମଦ ସାହେବ, ରାଜ୍ୟ ସାଧାରଣ ସମ୍ପାଦିକା ମନ୍ଦାକିନୀ ବାଣୁଆ, ଜିଲା କଂଗ୍ରେସ ଉପ ସଭାପତି ଧନୁର୍ଦ୍ଧର ଗହୀର, ସାଧାରଣ ସମ୍ପାଦକ ବ୍ରଜ ମୋହନ ସାହୁ, ଆଦିବାସୀ ନେତା ପରମା ନନ୍ଦ ମାଝି, ପୂର୍ବତନ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ପୂର୍ବତନ ଭବାନୀପାଟଣା ଟାଉନ ସାଧାରଣ ସମ୍ପାଦକ ସନ୍ତୋଷ ପ୍ରଧାନ, ବାବା ଅଲ୍ଲୀ ଖାଁ, ଗଣେଶ ଛତ୍ରିଆ, ଜ୍ୟୋତ୍ରିମୟୀ ବାଗ, ମନୋଜ କରୁଆ, କେଦାର ସାହୁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓଙ୍କୁ ୯ଦଫା ଦାବି ପ୍ରଦାନ କରାଯାଇଥିଲା। ଏଥିରେ ବ୍ଲକସ୍ତରରେ ଚାଲିଥିବା ପିସି କାରବାର ବନ୍ଦ, ଖାଲି ପଡ଼ିଥିବା ୨ ଲକ୍ଷ ୨୬ ହଜାର ୫୫୯ଟି ସରକାରୀ ପଦବୀକୁ ତୁରନ୍ତ ପୂରଣ କରିବା, ଦରଦାମ ବୃଦ୍ଧି ବନ୍ଦ କରିବା, ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ଖୋଲିବା, ନାରୀ ନିର୍ଯାତନା ବନ୍ଦ କରି ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ଆଦି ପ୍ରମୁଖ ଦାବି ରହିଛି।

ଗୋଲାମୁଣ୍ଡା ବ୍ଲକ କଂଗ୍ରେସ କମିଟି ସଭାପତି ନୌକିସୱର ପଟେଲଙ୍କ ନେତୃତ୍ୱରେ ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ତଥା ବର୍ତ୍ତମାନ ପିସିସି ସମ୍ପାଦକ ତୁଲେଶ୍ୱର ନାୟକ, କଂଗ୍ରେସ ନେତା ସାଉଲ ମଙ୍ଗରାଜ, ଜଗୁପ୍ରସାଦ ରାଉତ, ଲବଜି ପଟେଲ, କେଗାଁ ସମିତି ସଭ୍ୟ ମଣ୍ଟୁ ସାହୁ, ପୁଷ୍ପାଲତା ବିହାରୀ ପ୍ରମୁଖ ଯୋଗଦେଇ ବିଜେଡି ଓ ଭାଜପା ଉପରେ ବର୍ଷିଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୯ଦଫା ଦାବିପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଧର ପଣ୍ଡାଙ୍କୁ ପ୍ରଦାନ କରିଥିଲେ ।

ନର୍ଲା ବ୍ଲକରେ କଂଗ୍ରେସ ପକ୍ଷରୁ ବ୍ଲକ ଘେରାଉ ଓ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ସଭାପତି ସମୀର ଚାନ୍ଦ ଓ ଯୁବ ସଭାପତି ଦିପୁ ପାତ୍ରଙ୍କ ଆହ୍ୱାନକ୍ରମେ ଶତାଧିକ କଂଗ୍ରେସ କର୍ମୀ ଏକତ୍ରିତ ହୋଇ ନର୍ଲାସ୍ଥିତ ଚାରିଛକଠାରୁ ପଦଯାତ୍ରା ସହିତ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପରେ ବିଡ଼ିଓ ବାସନ୍ତୀ ସେଠୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି।

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ନୂଆପଡ଼ା/ଖଡ଼ିଆଳ,୧୮।୮(ମକାରୁ ବେମାଲ/ସୁଜିତ୍ କୁମାର ପ୍ରଧାନ)

ପ୍ରଦେଶ କଂଗ୍ରେସ କମିଟିଙ୍କ ଆହ୍ୱାନକ୍ରମେ ଜିଲା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ଆଜାଦଙ୍କ ତ୍ୱତାବଧାନରେ ଶୁକ୍ରବାର ୫ଟି ବ୍ଲକ କାର୍ଯ୍ୟାଳୟ ଘେରାଉ କରି ଧାରଣା ଦିଆଯାଇଛି। ନୂଆପଡା ସଦର ବ୍ଲକ ସଭାପତି ଚୁନୁଲାଲ ଶବରଙ୍କ ନେତୃତ୍ୱରେ ସ୍ଥାନୀୟ ପୋଲିସ ପଡିଆଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସଦର ବିଡିଓ ସୁବେଦାର ପ୍ରଧାନଙ୍କ ଜରିଆରେ ୧୧ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭାରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ମୋତିଲାଲ ଦାସ ଜିଲା ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ରାଜ୍ୟ ସରକାର ଉପରେ ବର୍ଷିଥିଲେ। ବ୍ଲକସ୍ତରରେ ଚାଲିଥିବା ପିସି ବନ୍ଦ, ରାଜ୍ୟରେ ଖାଲି ପଡିଥିବା ୨ ଲକ୍ଷ ୨୬ ହଜାର ୫୫୯ ପଦବୀ ଶୀଘ୍ର ପୂରଣ, ଅସ୍ଥାୟୀ କର୍ମଚାରୀଙ୍କୁ ତୁରନ୍ତ ସ୍ଥାୟୀ, ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି, ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବା ଆଦି ୧୧ ଦଫା ପ୍ରଦାନ କରିଛନ୍ତି। ଏହି ସମୟରେ ଦେବଦତ ଦିକ୍ଷୀତ, ପବନ ସୋନି, ଗୋବିନ୍ଦ ସିଂ ଠାକୁର, କୌଶିକ ସାହୁ ଓ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ସେହିପରି କୋମନା ବ୍ଲକ କଂଗ୍ରେସ ସଭାପତି ପିଲେଶ୍ୱର ସାହୁଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରି ଧାରଣା ଦେଇଥିଲେ। କୋମନା ବିଡିଓ ସୁଶାନ୍ତ ରଣାଙ୍କ ଜରିଆରେ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ନୂଆପଡା ଯୁବ କଂଗ୍ରେସ ସଭାପତି ଅମିତ ଅହିର, ନରେନ୍ଦ୍ର ନାଗ, ସାହରୁଖ ଖାନ, ପାସା ମହାନନ୍ଦ, ବିରାଟ ତାଣ୍ଡି, ଦିଲୀପ ତାଣ୍ଡି, ଅସିତ ଦୁରିଆ, ଉମାକାନ୍ତ ବନଛୋର ପ୍ରମୁଖ ଉପସ୍ଥିତ ଥିଲେ।




ନୂଆପଡ଼ା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ଘେରାଉ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଖଡ଼ିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରସେନ ବେହାରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ପିସିସି ସାଧାରଣ ସମ୍ପାଦକ ଘାଷିରାମ ମାଝି, ପିସିସି ସଦସ୍ୟ ସନ୍ତୋଷ ମିଶ୍ର, ବ୍ଲକ ସଭାପତି ଶ୍ୟାମ ସୁନ୍ଦର କୁଳଦୀପ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, କପିଳ ଭୋଇ, ଅର୍ଜୁନ ଛାତ୍ରୀଆ, ମିହିର ନାଏକ, ପଞ୍ଚାନନ ସେଠି, ଡୋଳମଣି ଶବର, ନରେନ୍ଦ୍ର ଶବର, ବଡ ଜଗତ, ସାନ ଜଗତଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।

## ସଂକ୍ଷେପରେ

### ଦୀର୍ଘସ୍ଥାୟୀ ବିକାଶ ତାଲିମ ଶିବିର ଉଦ୍‌ଘାଟିତ

ଅମରପାଲି, ୧୮।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଗୁରୁବାର ଦିନ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ସମ୍ପର୍କିତ ଏକ ତିନିଦିନିଆ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି।ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ତାଲିମ ଶିବିରକୁ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲାରୁ ଆସିଥିବା ଏପିଡି(ତାଲିମ)ଶୈବାଳିନୀ ପଟ୍ଟନାୟକ,ଏପିଡି(ଆରଏଚ)ଆଲୋକ ମିଶ୍ର, ଏମଜିଏନଆରଇଜିଏ ସଂଯୋଜିକା ଶୈବାଳୀ ଦାଶ ପ୍ରମୁଖ ବିଭିନ୍ନ ବିଷୟ ଉପରେ ଆଲୋକପାତ କରିଥିଲେ। ଏଥିରେ ଦାରିଦ୍ର୍ୟମୁକ୍ତ ଓ ଉନ୍ନତ ଜୀବିକାଯୁକ୍ତ ଗ୍ରାମ ପଞ୍ଚାୟତ ଗଠନ ସକାଶେ ତାଲିମ ପ୍ରଦାନ କରାଯାଉଛି। ପ୍ରଥମ ଦିନରେ ବାଗବର, ଉପ୍ଫୁଲା, କେନ୍ଦୁଝିରିଆପାଲି, ଦୁର୍ଜନଟେଲା ଓ ଖଣ୍ଡହତା ପଞ୍ଚାୟତର ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ, ସମିତି ସଭ୍ୟାସଭ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ, ଏମବିକେ, ସିଆରପି –ସିଏମ ଓ ବ୍ୟାଙ୍କମିତ୍ରମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଶିବିରକୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ଧରୁଆ, ଜିପିଇଓ ପ୍ରଦୀପ କୁମାର ବାଗ ପ୍ରମୁଖ ପରିଚାଳନା କରୁଛନ୍ତି।

### ତହସିଲ ଅଫିସ ଘେରାଉ

ଉଲୁଣ୍ଡା, ୧୮।୮(ଉରୁକ୍ରମ ପାଣ୍ଡିଆ)

ଶୁକ୍ରବାର ଘରଡିହ ପାଇଁ ସ୍ଥାୟୀ ପଟ୍ଟା ପ୍ରଦାନ ଦାବିରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ଲକ୍ଷ୍ମଣପୁର ଗ୍ରାମବାସୀଙ୍କ ପକ୍ଷରୁ ତହସିଲ ଅଫିସ ଘେରାଉ କରାଯାଇଥିଲା। ପ୍ରଥମେ ଗ୍ରାମବାସୀ କଲେଜ ପଡିଆଠାରେ ଏକତ୍ରିତ ହୋଇଥିଲେ। ସେଠାରୁ ଆନନ୍ଦ ବାରିକଙ୍କ ନେତୃତ୍ୱରେ ବିଭିନ୍ନ ନାରା ଦେଇ ଏକ ଶୋଭାଯାତ୍ରାରେ ତହସିଲ କାର୍ଯ୍ୟାଳୟ ଠାରେ ପହାଞ୍ଚି ଥିଲେ। ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସ୍ଥାୟୀ ପଟ୍ଟା ପ୍ରଦାନ ପାଇଁ ଦାବି କରିଥିଲେ । ପ୍ରକାଶ ଯେ, ଦୀର୍ଘ ୩୦ ବର୍ଷ ହେବ ୩୦୦ ପରିବାର ବସବାସ କରି ଆସୁଛନ୍ତି। ହେଲେ ତହସିଲ ପକ୍ଷରୁ ଜାଗା ଖାଲି କରିବା ପାଇଁ ନୋଟିସ ଜାରି କରାଯିବା ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏଣୁ ଗ୍ରାମବାସୀ ଘର ଡିହ ସ୍ଥାୟୀ ପଟ୍ଟା ଦେବା ପାଇଁ ତହସିଲଦାର ଦିଲୀପ ମାଝିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

### ବିନିକା କଂଗ୍ରେସର ବିକ୍ଷୋଭ

ବିନିକା, ୧୮।୮(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କଂଗ୍ରେସ ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବିନିକା ବ୍ଲକ ସଭାପତି ରବୀନ୍ଦ୍ର ହୋତାଙ୍କ ନେତୃତ୍ୱରେ ସ୍ଥାନୀୟ ତହସିଲ ଅଫିସରୁ କଂଗ୍ରେସ କର୍ମୀମାନେ ସରକାର ବିରୋଧୀ ବିଭିନ୍ନ ସ୍ଲୋଗାନ ଦେଇ ଏକ ରାଲିରେ ବାହାରି ବ୍ଲକ ପର୍ଯ୍ୟନ୍ତ ଯାଇ ବିକ୍ଷୋଭ କରିଥିଲେ । ପୂର୍ବତନ ବିଧାୟକ ବିନୋଦ ପାତ୍ର,ପିସିସି ସଦସ୍ୟ ସଂଗ୍ରାମ କେଶରୀ ନାୟକ, କଂଗ୍ରେସ ନେତା ନରେନ୍ଦ୍ର ସାହୁ, ସନ୍ତୋଷ ପଣ୍ଡା,ରାଘବ ଦାସ, ସୁଧାଂଶୁ ପଣ୍ଡା, ରୁଦ୍ର ନାରାୟଣ ସାହୁ, ବ୍ଲକ ଯୁବ ସଭାପତି ବିଜୟ କୁମାର ଭୋଇ, ଯୁବନେତା ଗୋବିନ୍ଦା ଝାଙ୍କର, ଉମାକାନ୍ତ ଦୀପ, ଟିକୁ ହୋତା, ଭାଗିରଥି ବଗର୍ତ୍ତି, କୃଷ୍ଣଚନ୍ଦ୍ର ପ୍ରଧାନ, ଗଣେଶ ମେହେର, ସୂର୍ଯ୍ୟ ଖେତି, ମଞ୍ଜୁଲତା ମହାନନ୍ଦ, ସୀତା ପୁଟେଲ,ପଞ୍ଚାନନ ପାତ୍ର,ରଶ୍ମି ରଞ୍ଜନ ବିଶିଙ୍କ ସମେତ ଶତାଧିକ କଂଗ୍ରେସ ନେତା ବିକ୍ଷୋଭରେ ସାମିଲ ଥିଲେ ।

# ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ସୋନପୁର, ୧୮।୮(ମୃତ୍ୟୁଞ୍ଜୟ ଶତପଥୀ)


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିଇଓମାନେ ଗଣଧାରଣାରେ ବସିଛନ୍ତି।

■ ୧୦୯ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟରେ ବାଧା

■ ଏମଜିଏନ୍‌ଆରଇଜିଏସ୍, ଆବାସ ଯୋଜନା ଓ ପିଡିଏସ୍ ବଣ୍ଟନ ପ୍ରଭାବିତ ଆଶଙ୍କା

ରାଜ୍ୟ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ଆହ୍ୱାନ କ୍ରମେ ସୁବର୍ଣ୍ଣପୁର ଜିଲାର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶୁକ୍ରବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ପ୍ରତିବାଦରେ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଛନ୍ତି। ଜିଲାର ସମସ୍ତ ୧୦୯ ପଞ୍ଚାୟତରେ କାର୍ଯ୍ୟରତ ମୋଟ ୬୫ ଜଣ ପିଇଓ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫଳରେ ପଞ୍ଚାୟତରେ ଏମ୍‌ଜିଏନଆରଇଜିଏସ୍, ସେଣ୍ଟ୍ରାଲ ଫାଇନାନ୍ସ କମିସନ(ସିଏଫସି) ଓ ଷ୍ଟେଟ୍ ଫାଇନାନ୍ସ କମିସନ(ଏସଏଫ୍‌ସି) ଅନୁଦାନରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପିଡିଏସ୍ ସାମଗ୍ରୀ ବଣ୍ଟନ, ଭତ୍ତା ବଣ୍ଟନ ଓ ହରିଶ୍ଚନ୍ଦ୍ର ଯୋଜନା କାର୍ଯ୍ୟକାରିତାରେ ବାଧା ଉପୁଜିବ। ପ୍ରକାଶ ଯେ, ପିଇଓ ପଦବୀର ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ଯୁକ୍ତ ୩ କରିବା ସହିତ ଦରମା ହାର ଲେଭୁଲ ୫ରୁ ଲେଭୁଲ ୯କୁ ଧାର୍ଯ୍ୟ କରିବା, ନୂତନ ପଦବୀ ସୃଷ୍ଟି କରି ୧୦ ବର୍ଷ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ପିଇଓମାନଙ୍କୁ ପଦୋନ୍ନତି ପ୍ରଦାନ ସହିତ ଜିପିଡିଓ ପଦବୀରେ ଶତପ୍ରତିଶତ ପଦୋନ୍ନତି ପ୍ରଦାନ କରିବା ଦାବି ନେଇ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଏହି ଆନ୍ଦୋଳନରେ ଜିଲା ସଂଘର ସଭାପତି ସୁନିଲ କୁମାର ସାହୁ, ସମ୍ପାଦକ ସୁଶିଲ କୁମାର ମହାପାତ୍ର, ସୀତାରାମ ତ୍ରିପାଠୀ, ନନ୍ଦକିଶୋର ସୁନା, ନନ୍ଦ କିଶୋର ରାଉତ, ବିଶେଶ୍ୱର ଦାସ, ପଦ୍ମନାଭ ପଣ୍ଡା, ବିକ୍ରମ ସାହୁ, ଦିଲୀପ ପାଣ୍ଡିଆ, ଗୌରଚନ୍ଦ୍ର ସାହୁ, ସନାତନ ମହାଲିକ, ରମାକାନ୍ତ ନାୟକ, କ୍ଷୀରୋଦ ଚନ୍ଦ୍ର ସାମନ୍ତରା, ଶିବରାମ ମିଶ୍ର, ସଞ୍ଜୟ କୁମାର ପାଣିଗ୍ରାହୀ, ଜ୍ୟୋତିରଞ୍ଜନ ସା, ପ୍ରତିଭା ବିଶ୍ୱାଳ, ରିତାଞ୍ଜଳି ପାଣିଗ୍ରାହୀ ଓ ଅଞ୍ଜଳି ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିଲେ।

# ଫାଇଲେରିଆ ବଟିକା ଖାଇ ମୃତ୍ୟୁ ଅଭିଯୋଗ

ତରଭା, ୧୮।୮(ମାନଭଞ୍ଜନ ମିଶ୍ର)

ଫାଇଲେରିଆ ବଟିକା ଖାଇ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ଦୁବୁଲା ଗ୍ରାମର ଜଣେ ବୃଦ୍ଧଙ୍କ ଗୁରୁବାର ରାତିରେ ମୃତ୍ୟ ଘଟିଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି ହୋଇଛି। ପୋଲିସ ସୂତ୍ରରୁ ଜଣାଯାଇଛି ଯେ, ଦୁବୁଲା ଗ୍ରାମର ଜଗବନ୍ଧୁ ନାଗ (୬୩) ଗତ ୧୬ତାରିଖ ଦିନ ସ୍ୱାସ୍ଥ୍ୟକର୍ମୀଙ୍କ ଠାରୁ ଫାଇଲେରିଆ ବଟିକା ଖାଇବା ପରେ ୧୭ ତାରିଖରେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ତରଭା ଡାକ୍ତରଖାନା ନେଇଥିବା ବେଳେ ସେଠାରେ ଡାକ୍ତର ଜଗବନ୍ଧୁଙ୍କୁ ମୃତ ଘୋଷଣା କରିଥିଲେ। ହେଲେ ପରିବାର ଲୋକଙ୍କ ପକ୍ଷରୁ ଏହା ସ୍ୱାଭାବିକ ମୃତ୍ୟୁ ନୁହେଁ, ଫାଇଲେରିଆ ବଟିକା ଖାଇ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିବା କୁହାଯାଇଛି। ଏନେଇ ଜଗବନ୍ଧୁଙ୍କ ପୁଅ ଦାରା ସିଂହ ନାଗ ତରଭା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ମାମଲା ରୁଜୁ ହେବା ସହ ବ୍ୟବଚ୍ଛେଦ ପରେ ମୃତଦେହ ଶୁକ୍ରବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ତରଭା ଆଇଆଇସି ଅନିତା କିଡୋ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ୧୬ ତାରିଖ ଦିନ ଫାଇଲେରିଆ ବଟିକା ଖାଇ ତରଭା ବ୍ଲକ ଅଧୀନ ପୁତ୍ତୁଗପଥର ଗ୍ରାମର ଦଶ ବାଗ(୨୩) ଓ ବେଲମୁଣ୍ଡା ଗ୍ରାମର ରାଜେନ୍ଦ୍ର ମୋଟାରି (୪୫) ଅସୁସ୍ଥ ହୋଇ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ତେବେ ଶୁକ୍ରବାର ରାତିରେ ଅବସ୍ଥା ସଙ୍କଟାପନ୍ନ ହୋଇ ପଡିବାରୁ ଦଶଙ୍କୁ ବଲାଙ୍ଗୀର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେହିପରି ଫାଇଲେରିଆ ଔଷଧ ଖାଇ ଦୁବୁଲା ପଞ୍ଚାୟତ ବରଗଡପାଲିର ଘାସିରାମ ବଗର୍ତ୍ତି ଓ ବିଶାମିତ୍ର ବଗର୍ତ୍ତି ବଲାଙ୍ଗୀର ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାଯାଇଛି। ଫାଇଲେରିଆ ମୁକ୍ତ ଅଭିଯାନରେ ସାରା ରାଜ୍ୟରେ ଔଷଧ ବଣ୍ଟନ ଚାଲିଥିବା ବେଳେ ଉପରୋକ୍ତ ଅଭିଯୋଗ ନେଇ ଔଷଧ ଖାଇବା ପାଇଁ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଏ ଦିଗରେ ବେଳ ହୁଁ ସାବଧାନ ନୀତିରେ ପ୍ରଶାସନ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ଅମରପାଲି, ୧୮।୮(ପୀତାମ୍ବର ସାହୁ)


କଂଗ୍ରେସ କର୍ମୀଙ୍କ ପକ୍ଷରୁ ବିକ୍ଷୋଭ କରାଯାଉଛି ।

ଶୁକ୍ରବାର ବିଭିନ୍ନ ଦାବି ନେଇ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କଂଗ୍ରେସ କମିଟି ତରଫରୁ ବ୍ଲକ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ କରାଯାଇଛି। କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ସଦର ମହକୁମା ପରିକ୍ରମା କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଦରଦାମ ବୃଦ୍ଧି ରୋକିବା, କୃଷିଜାତ ପଦାର୍ଥର ଅଭାବୀ ବିକ୍ରୀ ବନ୍ଦ କରିବା, କଟ୍‌ନୀ ଛଟ୍‌ନୀ ବନ୍ଦ କରିବା ଓ ପ୍ରତି ବ୍ଲକରେ ଶୀତଳଭଣ୍ଡାର ଖୋଲିବା, ବିଦ୍ୟୁତ୍ ଦେୟ ବୃଦ୍ଧି ବନ୍ଦ କରିବା, ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ପାଇଁ କଂଗ୍ରେସ ଦେଇଥିବା ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବା, ଏମଏସପି ମୂଲ୍ୟ ବୃଦ୍ଧି କରିବା, ଦରଦାମ ବୃଦ୍ଧି ରୋକିବା ଆଦି ଦାବି କରାଯାଇଛି । ସ୍ମାରକପତ୍ର ପ୍ରଦାନ ସମୟରେ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ବ୍ଲକ କଂଗ୍ରେସ ସଭାପତି ବସନ୍ତ ମହକୁର, ବରିଷ୍ଠ କଂଗ୍ରେସ ନେତା ଧରଣୀଧର ପାଢ଼ୀ, ବ୍ଲକ ଯୁବ କଂଗ୍ରେସ ସଭାପତି ବିଦ୍ୟାଧର ଖୁର୍ଡିଆ, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜଗୋପାଳ ପାଣଗ୍ରାହୀ, ସୁବଳୟା ସରପଞ୍ଚ ପ୍ରମୋଦ ମହାପାତ୍ରଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# କଂଗ୍ରେସର ବ୍ଲକ ଘେରାଉ

ତରଭା, ୧୮।୮(ମାନଭଞ୍ଜନ ମିଶ୍ର)

ବିଭିନ୍ନ ଦାବି ନେଇ ତରଭା ବ୍ଲକ କଂଗ୍ରେସ କମିଟି ତରଫରୁ ଶୁକ୍ରବାର ବ୍ଲକ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି କାର୍ତ୍ତିକ ନାଗଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଏକ ରାଇସ୍ ମିଲ ନିକଟରୁ ଶୋଭାଯାତ୍ରାରେ ବାହାରି ନୂଆପଡା,ରଥପଡା, ମେହେରପଡା, ସୁନାରିପଡା, ମାରଓ୍ୱାଡିପଡା ଓ ଦୁର୍ଗାମଣ୍ଡପ ଦେଇ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରି ବ୍ଲକ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବ୍ଲକ ସ୍ତରରେ ଚାଲିଥିବା ପିସି କାରବାର ବନ୍ଦ କରିବା, ନବୀନ ଓଡ଼ିଶା ଯୋଜନାରେ ସିଧାସଳଖ ପଞ୍ଚାୟତକୁ ୫୦ ଲକ୍ଷ ଦିଆଯାଉ ଓ ଗ୍ରାମସଭାର ନିଷ୍ପତ୍ତି ମୁତାବକ ଏହି ଅର୍ଥ ଖର୍ଚ୍ଚ କରାଯାଉ, ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରାଯିବା ସହିତ ଖାଲିଥିବା ସମସ୍ତ ପଦବୀ ତୁରନ୍ତ ପୂରଣ କରିବା, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ ବୃଦ୍ଧି ବନ୍ଦ କରିବା ପ୍ରଭୃତି ଦାବି ନେଇ ବିକ୍ଷୋଭ କରାଯାଇଥିଲା । ଏହି ଅବସରରେ ୯ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଅନିଲ କିଲୋଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ନାଗ, ସୋନପୁର ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ, ଜିଲା ଲିଗାଲ ସେଲ୍ ପ୍ରଭାରୀ ସୁଧୀର କୁମାର ପଣ୍ଡା, ଶିବ କୁମାର ଅଗ୍ରୱାଲ, ପ୍ରବୀଣ ସାହୁ, ଚନ୍ଦ୍ରମଣି ତ୍ରିପାଠୀ ପରମେଶ୍ୱର ନାଗ, ଦଧିବାବନ ଦାସ, ରାଜେନ୍ଦ୍ର ପ୍ରସାଦ ମେହେର, ରଘୁନାଥ ରଣା, ଲିଙ୍ଗରାଜ ହେର୍ଣ୍ଣା, ଗଣେଶ କୁମ୍ଭାର, ବିକାଶ ମହାକୁରଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ଥିଲେ।

# ୯ ଦଫା ଦାବିରେ ରାଲି, ବିକ୍ଷୋଭ


କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ଘଣ୍ଟାପଡ଼ା, ୧୮।୮ (ପ୍ରଭାତ କୁମାର ସାହୁ)

■ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଲେ

■ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ

୯ ଦଫା ଦାବି ନେଇ କଣ୍ଟାମାଳ ବ୍ଲକ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ କଣ୍ଟାମାଳ ବ୍ଲକ ଘେରାଉ କରାଯାଇଛି। କଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର ସାହୁଙ୍କ ଆବାହକତ୍ୱ ଓ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଶୁକ୍ରବାର କଂଗ୍ରେସ କର୍ମୀମାନେ ବିଭିନ୍ନ ସ୍ଲୋଗାନ ସହ କଣ୍ଟାମାଳ ବ୍ଲକ କଳରାକୋଠା ଠାରୁ ଏକ ବିରାଟ ଶୋଭାଯାତ୍ରାରେ ଆସି ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଷୋଦ୍‌ଗାର କରିଥିଲେ। ପରେ ବିଡ଼ିଓଙ୍କ ଅନୁପସ୍ଥିତିରେ ବିଏସଏସଓ ସୂର୍ଯ୍ୟ ନାରାୟଣ ଦାସଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ବ୍ଲକ ସ୍ତରରେ ଚାଲିଥିବା ପିସି କାରବାର ବନ୍ଦ, ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ, ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି, ଦରଦାମ ବୃଦ୍ଧି ନିୟନ୍ତ୍ରଣ ପ୍ରଭୃତି ରହିଛି। ଅନ୍ୟମାନଙ୍କ ମଧ୍ୟରେ ଅଭିମନ୍ୟୁ ପ୍ରଧାନ, କେଶବ ଖେତି, ଘାସିରାମ ପୁଟା, ଗୋପ ରଣା, ଉଦୟନାଥ ଦଳବେହେରା, ନିବାସ ବାରିକ, ହିମାଂଶୁ ମିଶ୍ର, ଉଗ୍ରସେନ ପଟ୍ଟନାୟକ, ହିତେଶ୍ୱର୍ ଷାଣ୍ଢ, ଟିକେଟନ ରଣା, ଗରିବ ପ୍ରଧାନ, ନିତ୍ୟାନନ୍ଦ କର୍ମୀ, ଅଭିମନ୍ୟୁ ଭୋଇ, ମଦନ ହରିପାଲ, ନିରଞ୍ଜନ ଗାଇଗୋରିଆଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ କର୍ମୀ ବିକ୍ଷୋଭରେ ସାମିଲ ଥିଲେ।

# ବିଭିନ୍ନ ଦାବି ନେଇ କଂଗ୍ରେସର ବିକ୍ଷୋଭ

ସୋନପୁର, ୧୮।୮(ମୃତ୍ୟୁଞ୍ଜୟ ଶତପଥୀ)


ସୋନପୁର ବ୍ଲକ ସମ୍ମୁଖରେ କଂଗ୍ରେସ ନେତୃବୃନ୍ଦ ଧାରଣାରେ ବସିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ସମସ୍ତ ୬ ଗୋଟି ବ୍ଲକକୁ ଶୁକ୍ରବାର ଘେରାଉ କରାଯାଇଛି। ଏହି କ୍ରମରେ ଜିଲା କଂଗ୍ରେସ କମିଟି ସଭାପତି ଗୌରିଶ୍ୟାମ ପଣ୍ଡାଙ୍କ ନେତୃତ୍ୱରେ ସୋନପୁର ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦଳର ନେତୃବୃନ୍ଦ ଓ ସମର୍ଥକ ଗଣଧାରଣାରେ ବସିଥିଲେ। ବ୍ଲକ ଅଫିସରେ ବ୍ୟାପକ ପିସି କାରବାର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି, ବେକାରୀ, ନାରୀ ନିର୍ଯାତନା, ସରକାରଙ୍କ ଚାଷୀ ମାରଣ ନୀତି ଓ ଟାଟା କମ୍ପାନୀର ଖାଉଟି ବିରୋଧୀ ବିଜୁଳି ନୀତି ପ୍ରତିବାଦରେ ଏହି ଆନ୍ଦୋଳନ ହୋଇଥିଲା। ଏହି ଅବସରରେ ଦଳ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲା ପ୍ରଭାରୀ ତଥା ପିସିସି ସମ୍ପାଦକ ଦୁଲାଲ ପ୍ରଧାନ, ବରିଷ୍ଠ ନେତା ମାଧବ କୁମ୍ଭାର, ଜିତେନ୍ଦ୍ର ପଟ୍ଟନାୟକ, ଶେଷଦେବ ମେହେର, ଭାଗିରଥୀ ମିଶ୍ର, ମହେନ୍ଦ୍ର ସୁନା, ଇମ୍ରାନ ଖାନ ଓ ଶତ୍ରୁଘ୍ନ ଅମାତ ପ୍ରମୁଖ ଧାରଣାରେ ବସିଥିଲେ।

# ବୌଦ୍ଧରେ କଂଗ୍ରେସ ପକ୍ଷରୁ ବ୍ଲକ ଘେରାଉ

ବୌଦ୍ଧ, ୧୮।୮(ଅଜିତ କୁମାର ବାରିକ)



ହରଭଙ୍ଗା ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଶୁକ୍ରବାର ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ ଜିଲା ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ବୌଦ୍ଧ, ହରଭଙ୍ଗା ଓ କଣ୍ଟାମାଳ ବ୍ଲକ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବୌଦ୍ଧ ବ୍ଲକରେ କଂଗ୍ରେସ ସଭାପତି ଉମେଶ ତ୍ରିପାଠୀଙ୍କ ନେତୃତ୍ୱରେ ଶାନ୍ତନୁ ମହାପାତ୍ର,ସମରେଶ ମିଶ୍ର,ଜିଲା ଛାତ୍ର କଂଗ୍ରେସ ସଭାପତି ବିକ୍ରମ ପ୍ରଧାନ, ସୁଶୀଲ ହୋତା, ଉଦ୍ଧବ ବେହେରା, ଗଣ୍ଡାଧର ବିଶି, ଅଭିଲାଷ ସ୍ୱାଇଁ, ଚିତ୍ତରଞ୍ଜନ ବେହେରା, ପ୍ରଦିପ ଦାସ, ଅର୍ଜ୍ଜୁନ ମହାନନ୍ଦିଆ ପ୍ରମୁଖ ବ୍ଲକ ଘେରାଉ କାର୍ଯ୍ୟକ୍ରମରେ ସାମିଲ ଥିଲେ। ହରଭଙ୍ଗା ବ୍ଲକରେ ହରଭଙ୍ଗା ବ୍ଲକ କଂଗ୍ରେସ ସଭାପତି ପଙ୍କଜ କୁମାର କର୍ଣ୍ଣଙ୍କ ନେତୃତ୍ୱରେ ପୋଲସ୍ତି ପ୍ରଧାନ, ଗଣେଶ ଲଉରିଆ, ରମା ଭୋକ୍ତା, ଚିତ୍ରସେନ ମଲିକ, ବିଳାସିନୀ ନାଏକ, ବୁଦ୍ଧଦେବ ପ୍ରଧାନ, ନେତ୍ରା ଦୀପ, ପ୍ରଦୀପ ବେହେରା, ଝରିଆ ସାହୁ, ବେଣୁଧର ମେହେର ପ୍ରମୁଖ ଘେରାଉ କରିଥିଲେ। ସେହିପରି କଣ୍ଟାମାଳ ବ୍ଲକରେ କଣ୍ଟାମାଳ ବ୍ଲକ ସଭାପତି ସୁଶାନ୍ତ ମଲିକ, ପି.ସାହୁଙ୍କ ନେତୃତ୍ୱରେ ନେତା ଓ କର୍ମୀମାନେ ବ୍ଲକ ଅଫିସ ଆଗରେ ବିକ୍ଷୋଭ କରିବା ସହ ଘେରାଉ କରିଥିଲେ। ଏହି ଅବସରରେ ୯ ଦଫା ସମ୍ବଳିତ ଦାବିପତ୍ର ସମସ୍ତ ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିଲା ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଧାରଣା ଦେଇଛନ୍ତି ।

ବୌଦ୍ଧ, ୧୮।୮( ଅଜିତ କୁମାର ବାରିକ)

ରାଜ୍ୟ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ଆହ୍ୱାନ କ୍ରମେ ବୌଦ୍ଧ ଜିଲାର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶୁକ୍ରବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ୨ ଦଫା ଦାବି ନେଇ ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ବୌଦ୍ଧ ସଂଘର ସଭାପତି ଜୟଦେବ ପ୍ରଧାନ ଏହାର ନେତୃତ୍ୱ ନେଇଥିଲେ। ପରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ଧାରଣାରେ ଜିଲାର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ସାମଲ ଥିଲେ।

# ଜନସେବା କାର୍ଯ୍ୟକାରିତା ଉପରେ ଗୁରୁତ୍ୱ

ସୋନପୁର, ୧୮।୮(ମୃତ୍ୟୁଞ୍ଜୟ ଶତପଥୀ)



ଆରଡିସି ଡ. ସୁରେଶ ଚନ୍ଦ୍ର ଦଳେଇ ସମୀକ୍ଷା କରୁଛନ୍ତି।

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳେଇ ଗୁରୁବାର ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିଥିଲେ। ଡ଼ ଦଳେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସହ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟାଳୟ ନିରୀକ୍ଷଣ କରି ବିଭାଗୀୟ କାର୍ଯ୍ୟକାରିତାର ସମୀକ୍ଷା କରିଛନ୍ତି। ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜସ୍ୱ ଆୟୁକ୍ତ ଦଳେଇ ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜନସେବାକୁ ସଠିକ ଭାବେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ବିଭାଗୀୟ ଜନମଙ୍ଗଳ ସେବାର କାର୍ଯ୍ୟକାରିତାକୁ ଶତ ପ୍ରତିଶତ ସଫଳ କରିବା ପାଇଁ କହିଥିଲେ। ରାଜସ୍ୱ ଆୟୁକ୍ତଙ୍କ ଏହି ସମୀକ୍ଷା ବୈଠକରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ , ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ସୋନପୁର ଉପଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ବୀରମହାରାଜପୁର ଉପଜିଲାପାଳ ଅଶୋକ ଭୋଇ ଓ ଅନ୍ୟ ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

# ଷ୍ଟାଫ୍ ନର୍ସ ନିଯୁକ୍ତିରେ ଚଞ୍ଚକତା ଅଭିଯୋଗ

ବୌଦ୍ଧ, ୧୮।୮( ଅଜିତ କୁମାର ବାରିକ)

**ବୌଦ୍ଧ ଜିଲା**

■ ସ୍ଥାନୀୟ ପ୍ରାର୍ଥୀ ନିଯୁକ୍ତିରୁ ବଞ୍ଚିତ ଅଭିଯୋଗ

ଶିକ୍ଷା କ୍ଷେତ୍ରରେ ଅନଗ୍ରସର ଶିଳ୍ପବିହୀନ ବୌଦ୍ଧ ଜିଲାରେ ବେକାରୀ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଉଚ୍ଚ ଶିକ୍ଷା ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ବିଶେଷ ସୁଯୋଗ ନ ଥିବାରୁ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଗ୍ରହଣ ପାଇଁ ଜିଲା ବାହାରକୁ ଯିବାକୁ ପଡିଥାଏ। ତେବେ ଶିକ୍ଷା ଗ୍ରହଣ ପରେ ମଧ୍ୟ ନିଜ ଜିଲାରେ ନିଯୁକ୍ତିର ସୁଯୋଗ ନ ଥିବା ଯୋଗୁ ଅନେକ ଯୁବତୀ ଯୁବକ ବେକାର ହୋଇ ବୁଲୁଛନ୍ତି କିମ୍ବା ବିଭିନ୍ନ ବ୍ୟବସାୟ କରିବାକୁ ବାଧ ହେଉଥିବା ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତିରେ ଜିଲାରେ କିଛି ନିଯୁକ୍ତିର ସୁଯୋଗ ସୃଷ୍ଟି ହେଲେ ବିଭାଗୀୟ ଅଧିକାରୀମାନଙ୍କ ଦୁର୍ନୀତିଖୋର ମନୋବୃତ୍ତି ଯୋଗୁ ସ୍ଥାନୀୟ ପ୍ରାର୍ଥୀମାନେ ଏହି ସୁଯୋଗରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଗତ ଦୁଇଦିନ ତଳେ ଜିଲା ସ୍ୱାସ୍ଥ୍ୟ ବିଭାଗରେ ହୋଇଥିବା ଷ୍ଟାଫ୍ ନର୍ସ ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପ୍ରାର୍ଥୀମାନଙ୍କୁ ଅନ୍ଧାରରେ ରଖିବାର ମନ୍ଦ ଉଦ୍ଦେଶ୍ୟ ନେଇ ନିଯୁକ୍ତି ସଂପର୍କରେ ଉପଯୁକ୍ତ ପ୍ରଚାର ପ୍ରସାର କରା ନ ଯାଇ ଭୁବନେଶ୍ୱରର ଏକ ଆଉଟସୋର୍ସିଂ ସଂସ୍ଥା ଦ୍ୱାରା ୧୦ ଜଣ ଷ୍ଟାଫ୍‌ନର୍ସ , ଜଣେ ଏଲଟି, ୨ ଜଣ ଏଏନଏମ ଓ ୨ ଜଣ ଏମଆରଏଙ୍କୁ ନିଯୁକ୍ତି ଦିଆଯାଇଥିବା ଜଣାଯାଇଛି। ସ୍ଥାନୀୟ ପ୍ରାର୍ଥୀମାନଙ୍କୁ ଚଞ୍ଚକତାର ସହିତ ବାଦ ଦେଇ ଏହି ନିଯୁକ୍ତିରେ ବ୍ୟାପକ ଅର୍ଥ କାରବାର ଓ ଅନିୟମିତତା କରାଯାଇଥିବା ନେଇ ରୋଗୀ କଲ୍ୟାଣ ସମିତିର ସଦସ୍ୟ ବରିଷ୍ଠ ଆଇନଜୀବୀ ତାରେଣି ମହାପାତ୍ର ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଜୟକୃଷ୍ଣ ମିଶ୍ରଙ୍କୁ ପଚାରିବାରେ କିଛି ଚଞ୍ଚକତା ହୋଇନାହିଁ । ଜିଲାର ଓ ଜିଲା ବାହାର ପ୍ରାର୍ଥୀ ଥିଲେ । କିନ୍ତୁ ଜିଲାର ବହୁ ପ୍ରାର୍ଥୀ ନିଯୁକ୍ତି ପାଇଥିବା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଏନ୍‌ଏଚ୍‌ରେ ଜଳିଗଲା ୧୨ ଚକିଆ ଟ୍ରକ୍

ଲାଠିକଟା, ୧୮।୮ (ରାମେଶ୍ୱର ଖାଡଙ୍ଗା)

ଲାଠିକଟା ବ୍ଲକ ଅନ୍ତର୍ଗତ ନୂଆ ବାଇପାସ୍ ରୋଡ ୧୪୩ ନମ୍ବର ଜାତୀୟ ରାଜପଥରେ ୧୨ ଚକିଆ ଟ୍ରକ୍ ଜଳିଯାଇଛି। ଟ୍ରକ୍ ଜଳିବା ନେଇ ଡ୍ରାଇଭର ମହେଶ୍ୱର ବେହେରା ଜାଣିବା ପରେ ତଳକୁ ଓହ୍ଲାଇ ପଡ଼ିଥିଲେ। ପରେ ରାଉରକେଲା ଅଗ୍ନିଶମବାହିନୀକୁ ଫୋନ କରି ଖବର ଦେଇଥିଲେ। ଅଗ୍ନିଶମବାହିନୀ ପହଞ୍ଚିଲାବେଳକୁ ଡ୍ରାଇଭର କ୍ୟାବିନ ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଖବର ପାଇ ଲାଠିକଟା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଟ୍ରକ୍‌ଟି କୋଇଡାରୁ ଆଇରନ ବୋଝେଇ କରି ରାଉରକେଲା ଆଡ଼କୁ ଆସୁଥିବା ଜଣାପଡ଼ିଛି।

### ୩୩ କେଜି ଗଞ୍ଜେଇ ଜବତ କଲା ରେଲ୍‌ୱେ ପୋଲିସ

ରାଜଗାଙ୍ଗପୁର, ୧୮।୮ (ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ରେଲ୍‌ୱେ ପୋଲିସ ୩୩ କେଜି ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତଙ୍କୁ ଅବକାରି ବିଭାଗକୁ ହସ୍ତାନ୍ତର କରିଛି। ଅଭିଯୁକ୍ତ ହେଲେ ଝାଡଖଣ୍ଡର ସଢ଼େଇକଳା ଖରସୁଆ ଗ୍ରାମର ଗୌରବ କୁମାର ସିଂ। ଅଭିଯୁକ୍ତଠାରୁ ୨ ଟି ବ୍ୟାଗରୁ ମୋଟ ୩୩ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ୩୦ ହଜାର ହେବ। ସୂଚନା ମୁତାବକ, ରାଜଗାଙ୍ଗପୁର ରେଲ୍‌ୱେ ପୋଲିସ (ଆର୍‌ପିଏଫ) ଅଧିକାରୀ ରାମ ନାରାୟଣ ଯାଦବ ସଦଳବଳେ ପ୍ଲାଟଫର୍ମରେ ଚୋରାକାରବାର ରୋକିବା ପାଇଁ କାର୍ଯ୍ୟକ୍ରମ ଜାରି ରଖିଥିବା ବେଳେ ପ୍ଲାଟଫର୍ମର ଏକ କୋଣରେ ସନ୍ଦେହ ଅବସ୍ଥାରେ ୨ ଟି ବ୍ୟାଗ ଧରି ଏକ ଯୁବକ ବସିଥିବାର ଲକ୍ଷ କରି କାବୁ କରିଥିଲେ।

### ସମ୍ପର୍କୀୟ କହି ୨ ଜଣଙ୍କ ଘରୁ ଚୋରି

ବଡ଼ଗାଁ, ୧୮।୮ (ଅଶୋକ ଷଡ଼ଙ୍ଗୀ)

ସମ୍ପର୍କୀୟ କହି ୨ ଜଣଙ୍କ ଘରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏଭଳି ଘଟଣା ଘଟିଛି ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଗରଗଡବାହାଲ ଗ୍ରାମରେ। ସୂଚନାଯୋଗ୍ୟ, ଗୁରୁବାର ଜଣେ ଯୁବକ ସ୍କୁଟିରେ ମଧାଏ କିଷାନଙ୍କ ଘରକୁ ଆସି ସେ ତାଙ୍କ ସମ୍ପର୍କୀୟ ହୋଇଥିବା କହିଥିଲେ। ପାଣି ପିଇବାକୁ ମାଗିଲା ପରେ ସୁଯୋଗ ଉଣ୍ଡି କଂସା ଗରା ଓ ଗୋଟିଏ ଥାଳି ନେଇ ପଳାଇଥିଲେ। ସେହିପରି ଦୟା ଧାନଙ୍କ ଘରକୁ ଯାଇ ଅନୁରୂପ ଢଙ୍ଗରେ କଂସା ଥାଳି ନେଇ ଫେରାର ହୋଇଯାଇଥିଲେ।

### ଗାଧୋଇବାକୁ ଯାଇ ମହିଳା ନିଖୋଜ

ନୂଆଗାଁ, ୧୮।୮ (ବିଜୟ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରାଥାନା ଅନ୍ତର୍ଗତ ଖୁଣ୍ଟଗାଁ ଛୋଇଲାଟୋଲୀ ବସ୍ତିର ସମାରୀ ମୁଣ୍ଡାରୀ (୫୭) ଶୁକ୍ରବାର ନିକଟସ୍ଥ ଦେଉନଦୀକୁ ଗାଧେଇବାକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ତାଙ୍କ ସ୍ୱାମୀ ବୁଧରାମ ମୁଣ୍ଡାରୀ ତାଙ୍କୁ ଖୋଜିବାକୁ ନଦୀକୁ ଯାଇଥିଲେ। ସ୍ତ୍ରୀଙ୍କ ପିନ୍ଧା ଲୁଗା ନଦୀ ପାର୍ଶ୍ୱରେ ଦେଖି ଏଣେ ତେଣେ ଖୋଜିଥିଲେ। ହେଲେ କୌଣସି ସନ୍ଧାନ ପାଇ ନ ଥିଲେ। ଏନେଇ ବିଶ୍ରା ଥାନାରେ ଜଣାଇଥିଲେ। ଏପରିକି ସେ ନଦୀରେ ବୁଡ଼ିଯାଇଥିବେ ସନ୍ଦେହ କରି ନୂଆଗାଁ ଅଗ୍ନିଶମବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମବାହିନୀ ପାଣି ଭିତରେ ଖୋଜା ଖୋଜି କରିଥିଲେ ହେଁ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ସେପଟେ ବିଶ୍ରା ଥାନା ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।



ସୁନ୍ଦରଗଡ଼ ସଦର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ।




ସବ୍‌ଡେଗାରେ କଂଗ୍ରେସ ପକ୍ଷରୁ ବାହାରିଥିବା ରାଲି।



କୁତ୍ରାରେ କଂଗ୍ରେସ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

# ୯ ଦଫା ଦାବିରେ ବ୍ଲକ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

ସୁନ୍ଦରଗଡ଼, ଟେନ୍‌ସା, କୁଆଁରମୁଣ୍ଡା, ରାଜଗାଙ୍ଗପୁର, କୁତ୍ରା, ସବ୍‌ଡେଗା, ଲେଫ୍ରିପଡା, ଟାଙ୍ଗରପାଲି, ଲହୁଣୀପଡ଼ା, ୧୮।୮ (ଜୟନାରାୟଣ ମେଣ୍ଟୁଲୀ, ସମୀର ପାଢ଼ୀ, ମହେନ୍ଦ୍ର ସାହୁ, ଅଶୋକ ପାଣି, ଦେବାଶିଷ ସାହୁ, ଅନନ୍ତ ପଟେଲ, ଦେଶରଞ୍ଜନ ପଟେଲ, ଦାଶରଥୀ ପଣ୍ଡା)

ରାଜ୍ୟ ସରକାରଙ୍କ ବିରୋଧରେ ବ୍ଲକ ଅଫିସ ଘେରିଲା କଂଗ୍ରେସ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସୁନ୍ଦରଗଡ ଜିଲାର ବିଭିନ୍ନ ବ୍ଲକ ଘେରାଉ କରାଯାଇଛି। ସଦର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସଭାପତି ଦୀନବନ୍ଧୁ ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିସିସି ଇସ୍ତାହାର କମିଟି ସଦସ୍ୟ ବେଣୁମାଧବ ତ୍ରିପାଠୀ, ପିସିସି ସାଧାରଣ ସମ୍ପାଦକ ନିର୍ମଳ ନାଏକ, ଅମିତା ବିଶ୍ୱାଳ, ଜିଲା ଉପସଭାପତି ଅଜିତ ପ୍ରସାଦ, ଜିଲା ମହିଳା କଂଗ୍ରେସ ଉପସଭାପତି କଳ୍ପନା ଆପଟ, ଟାଉନ ସଭାପତି ନେପାଳ ଚନ୍ଦ୍ର ସାହୁ, ଜିଲା ସେବା ଦଳ ସଭାପତି ଭୀଷ୍ମ ଦେବ ସିଂ, ଛାତ୍ର କଂଗ୍ରେସ ସଭାପତି ଏମ୍‌ଡି ସୋହେଲ, ଯୁବ କଂଗ୍ରେସର ଇମିତିୟାଜ ଖାନ, ପୂର୍ଣ୍ଣ ଚନ୍ଦ୍ର ନାଏକ, ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଟାଙ୍ଗରପାଲି ବିକ୍ଷୋଭ ସଭାରେ ବ୍ଲକ ସଭାପତି ପ୍ରଦୀପ କୁମାର ଜଗତ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଉପସଭାପତି ଅଜିତ ପ୍ରସାଦ, ଦେବାଶିଷ ଦାସ, ରାଜା ପଟ୍ଟନାୟକ, ପୂର୍ବତନ ବ୍ଲକ ସଭାପତି ଶୁକଦେବ ବଡେଇ, ଦିବ୍ୟ ଲୋଚନ ପଟେଲ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ଅବସରରେ ଭାଜପାର ୧୦ସଭ୍ୟ କଂଗ୍ରେସରେ ଯୋଗ ଦେଇଥିଲେ। କୋଇଡା କଂଗ୍ରେସ ପକ୍ଷରୁ ବ୍ଲକ ସଭାପତି ରାଜକିଶୋର ପାତ୍ରଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା।



ଟେନ୍‌ସାରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

#### ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ରାଜ୍ୟପାଳ ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ୯ଦଫା ଦାବି ପତ୍ର ପ୍ରଦାନ କରିଥିଲେ। ଶୋଭାଯାତ୍ରାରେ ମୁଖ୍ୟ ଅତିଥିଭାବେ ଜିଲା ସଭାପତି ତଥା ବଣାଇ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, କୋଇଡା ସରପଞ୍ଚ ହୃଷିକେଶ ଦେହୁରୀ, ଯୁବ କଂଗ୍ରେସ ନେତା ସନାତନ ଘଣା, କୋଇଡା ପୂର୍ବତନ ସରପଞ୍ଚ ସନ୍ଧ୍ୟାରାଣୀ ନାଏକଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ କଂଗ୍ରେସ ସମର୍ଥକ କର୍ମୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେହିପରି ଦରଦାମ ବୃଦ୍ଧି ଓ ବିଭିନ୍ନ ଯୋଜନାରେ ବ୍ୟାପକ ଦୁର୍ନୀତି ହେଉଥିବା ପ୍ରତିବାଦରେ କୁଆଁରମୁଣ୍ଡା ବ୍ଲକ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜଗାଙ୍ଗପୁର କଂଗ୍ରେସ ପକ୍ଷରୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ସରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବିଧାୟକ ଡ. ସିଏସ ରାଜନ ଏକ୍କାଙ୍କ ନେତୃତ୍ୱରେ ବ୍ଲକ ଘେରାଉ କରାଯାଇଥିଲା। କାର୍ଯ୍ୟକ୍ରମରେ ଟାଉନ କଂଗ୍ରେସ ସଭାପତି ଦିପୁ ବିନୋଦ, ବ୍ଲକ ସଭାପତି ଲାଲମା ଲାକ୍ରା, ଜିଲା ଯୁବ କଂଗ୍ରେସ ସଭାପତି ଆସିଫ ରାଜା, ବରିଷ୍ଠ କଂଗ୍ରେସ କର୍ମୀ ଅରୁଣ ସାମଲ ପ୍ରମୁଖଙ୍କ ସହ ବହୁ ଅନ୍ୟ କଂଗ୍ରେସ ପଦାଧିକାରୀ ଓ କର୍ମୀ ବୃନ୍ଦ ଉପସ୍ଥିତ ଥିଲେ। କୁତ୍ରା ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ ବେହେରାଙ୍କ ନେତୃତ୍ୱରେ ବ୍ଲକ ଅଫିସ ସମ୍ମୁଖରେ ବିଭିନ୍ନ ପ୍ରସଙ୍ଗ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୯ଟି ପ୍ରସଙ୍ଗକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରେଧରେ ନାରାବାଜି ଦେଇ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବିଡିଓ ରବିନ୍ଦ୍ର ସେଠୀଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ସବ୍‌ଡେଗା କଂଗ୍ରେସ ଦଳ ପକ୍ଷରୁ ଅଞ୍ଚଳ ତଥା ରାଜ୍ୟରେ ଚାଲିଥିବା ଦୁର୍ନୀତି ତଥା ବିଭିନ୍ନ ସମସ୍ୟାକୁ ବିରୋଧ କରି ସଭାପତି ଶୁଭେନ୍ଦୁ ନାଏକଙ୍କ ତତ୍ତ୍ୱାବଧାନରେ ଅନେକେ ଦଳୀୟ କର୍ମୀ ନାରାବାଜି କରି ଏକ ରାଲି କରିଥିଲେ। ପରେ ବ୍ଲକରେ ପହଞ୍ଚି ସେଠାରେ ଏକ ସଭା କରିଥିଲେ। ଅନେକେ ସମସ୍ୟାକୁ ବିରୋଧ କରି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରଥିଲେ। ଲହୁଣୀପଡା ବ୍ଲକ କଂଗ୍ରେସ ପକ୍ଷରୁ ଦରଦାମ ବୃଦ୍ଧି ବିରୋଧରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଲେଫ୍ରିପଡା ବ୍ଲକ କଂଗ୍ରେସ ସଭାପତି ଦିଲିପ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସର ବରିଷ୍ଠ ନେତା ତଥା ସଂଯୋଜକ ପର୍ଶୁରାମ ସରାଫ, ଗୋବିନ୍ଦ ଚନ୍ଦ୍ର ଭୋଇ, ପିଟର ତିର୍କୀ, ସୁଶୀଲ ମିଞ୍ଜ, ତ୍ରିଲୋଚନ ଭିତ୍ରିଆ, ସାଗର ସି ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କାଉଟ ଗାଇଡ୍ ଛାତ୍ରୀଛାତ୍ର ସୁନାଗରିକ ହେବେ

ବଡ଼ଗାଁ, ୧୮।୮ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ଭାରତ ସ୍କାଉଟ ଗାଇଡ୍ ଆନୁକୂଲ୍ୟରେ ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍କାଉଟ ଗାଇଡର ରାଜ୍ୟ ପୁରସ୍କାର ପରୀକ୍ଷା ପ୍ରଣାଳୀ ଉପରେ ଜିଲା ସ୍ତରୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ମୁଖ୍ୟ କମିଶନର ଅମୂଲ୍ୟ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଜିଲାର କୌଣସି ବିଦ୍ୟାଳୟର ଛାତ୍ରୀଛାତ୍ର ସ୍କାଉଟ ଗାଇଡ୍ କାର୍ଯ୍ୟକ୍ରମରୁ ଯେପରି ବଞ୍ଚିତ ନ ହେବେ ସେଥିପାଇଁ ପରାମର୍ଶ ଦେଇଥିଲେ। ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନ ପରସ୍ପରକୁ ସହଯୋଗ କରି ଜିଲାର ଗୌରବ ବଢ଼ାଇବା ପାଇଁ କାର୍ଯ୍ୟ କରିବାକୁ ବୁଝାଇଥିଲେ। ପ୍ରତ୍ୟେକ ସ୍କାଉଟ ଗାଇଡ୍ ରାଜ୍ୟ ପୁରସ୍କାର ପାଇବା ସହିତ ସୁନାଗରିକ ହେବେ ବୋଲି ଆଶା ବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହାରୋ ଛାତ୍ରୀଛାତ୍ର ଚରିତ୍ର ଗଠନ ସହିତ ସୁନାଗରିକ ହେବାକୁ ପରାମର୍ଶ ଦେଇ ସ୍କାଉଟ ଗାଇଡ୍ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜ ପାଇଁ ଭଲ କାମ କରିବାକୁ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଲାକ୍ରା ସମସ୍ତଙ୍କୁ ସ୍ୱାଗତ ଜଣାଇ କର୍ମଶାଳାର ସଫଳତା କାମନା କରିଥିଲେ। ଭାରତ ସ୍କାଉଟ ଗାଇଡ ସାରା ରାଜ୍ୟରେ ଗୌରବ ଅର୍ଜନ କରିଛି। ତାହାକୁ ବଜାୟ ରଖିବା ପାଇଁ ଜିଲା ସ୍କାଉଟ କମିଶନର ବିଭୀଷଣ ବାରିକ କହିଥିଲେ। ଚଳିତ ବର୍ଷ ରାଜ୍ୟ ପୁରସ୍କାର ପରୀକ୍ଷା ପାଇଁ ଅଧିକ ସ୍କାଉଟ ଗାଇଡ୍ ଛାତ୍ରୀଛାତ୍ର ନିଜକୁ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। କର୍ମଶାଳାକୁ ଜିଲା ତାଲିମ୍ କମିଶନର ଜନସନ ଖାଖା ପରିଚାଳନା କରିଥିଲାବେଳେ ମାଷ୍ଟର ଟ୍ରେନର ଶ୍ରୀକାନ୍ତ ସାହୁ, ଖିଲାନ୍ଦ୍ରି ପଟେଲ, ଦୀପିକା କେରକେଟା ସହଯୋଗ କରିଥିଲେ। ଶାରିରୀକ ଶିକ୍ଷା ନିରୀକ୍ଷକ ଚନ୍ଦ୍ରଶେଖର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୬ ବ୍ଲକର ୭୩ ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନ ଅଂଶଗ୍ରହଣ କରିଥିଲେ। ଜିଲା ସାଂଗଠନିକ କମିଶନର ବିଧିଚନ୍ଦ୍ର ବିଲୁଙ୍ଗ ଧନ୍ୟବାଦ ଦେଇଥିଲେ। ଶେଷରେ ସ୍କୁଲ୍ ପରିସରରେ ଚାରା ରୋପଣ କରାଯାଇଥିଲା।




ଜଣେ ଛାତ୍ରୀ ମୁଖ୍ୟ ଅତିଥିଙ୍କୁ ବ୍ୟାଜ୍ ପିନ୍ଧାଉଛନ୍ତି।

#### ସ୍କାଉଟ ଗାଇଡ୍‌ର ରାଜ୍ୟ ପୁରସ୍କାର ପରୀକ୍ଷା ପ୍ରଣାଳୀ କର୍ମଶାଳା

## ଗ୍ରାହକ ସେବା କେନ୍ଦ୍ର ମାଲିକଙ୍କଠୁ ବନ୍ଧୁକ ମୁନରେ ଲୁଟ୍ ଉଦ୍ୟମ

କୁତ୍ରା, ୧୮।୮ (ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ଏଲଗା ଜଙ୍ଗଲଠାରେ ୩ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଜଣେ ଗ୍ରାହକ ସେବା କେନ୍ଦ୍ର ମାଲିକଙ୍କ ପାଖରୁ ଲୁଟ୍ ଉଦ୍ୟମ କରୁଥିବା ବେଳେ ଏଥିରେ ବିଫଳ ହୋଇଛନ୍ତି। ଏଥିସହ ଲୁଟ୍‌ରେ ବ୍ୟବହୃତ ବାଇକ୍‌କୁ ଲୁଟେରା ଘଟଣା ସ୍ଥଳରେ ଛାଡି ପଳାଇଛନ୍ତି। ମିଳିଥିବା ସୂଚନା ମୁତାବକ, ଏସ୍‌ବିଆଇ ଗ୍ରାହକ ସେବା କେନ୍ଦ୍ର ମାଲିକ ବିରେନ୍ଦ୍ର ସାହୁ ନିଜ ଗ୍ରାମ ବାମରାରୁ ବାଇକ୍ ଯୋଗେ ବଡମାଲକୁ ସକାଳ ପ୍ରାୟ ୧୦ ଟାରେ ଯାଉଥିବାବେଳେ ୩ ଯୁବକ ମୁଖା ପିନ୍ଧି ଏକ ପଲସର ବାଇକ୍‌ରେ ତାଙ୍କୁ ପିଛା କରିଥିଲେ। ପରେ ଏଲଗା ଜଙ୍ଗଲରେ ଚାରିଆଡେ ସୁନସାନ ଦେଖି ତାଙ୍କୁ ଓଭରଟେକ୍ କରି ତାଙ୍କ ବାଇକ୍ ସାମ୍ନାକୁ ଆସିଥିଲେ। ଫଳରେ ବିରେନ୍ଦ୍ର ବାଇକ୍‌ରୁ ପଡିଯାଇଥିଲେ। ଠିକ ସେତିକି ବେଳେ ଦୁର୍ବୃତ୍ତମାନେ ବନ୍ଧୁକ ମୁନରେ ତାଙ୍କଠାରୁ ଲୁଟ୍ ଉଦ୍ୟମ କରିଥିଲେ। ହେଲେ ବିରେନ୍ଦ୍ର ସେଠାରୁ ଖସି ଦୌଡି ପଳାଇଥିଲେ। ଲୁଟେରା ତାଙ୍କୁ ପିଛା କରିବା ବେଳକୁ ତାଙ୍କ ବାଇକ୍ ଆଉ ଗଡି ନଥିଲା। ଫଳରେ ସେମାନେ ବାଇକ୍‌କୁ ଜଙ୍ଗଲରେ ଛାଡି ପଳାଇଥିଲେ। ବିରେନ୍ଦ୍ର ଆସି ପ୍ରଥମେ ଗ୍ରାମବାସୀ ଏବଂ ପରେ କୁତ୍ରା ପୋଲିସକୁ ଖବର ଦେଇଥିଲେ। ଲୁଟେରା ଜଙ୍ଗଲ ଭିତରେ ଛାଡିଥିବା ବାଇକ୍‌କୁ ଗ୍ରାମାବାସୀ ଜବତ କରିଥିଲେ। ପୋଲିସ ଏନେଇ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଲୁଟେରାଙ୍କୁ ଖୋଜିବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ମଧ ଏହି ସ୍ଥାନରେ ଲୁଟ୍ ଘଟଣା ଘଟିଥିବା ନଜର ରହିଛି।

## ବିର୍ସା ମୁଣ୍ଡା କଲେଜରେ ଚାରାରୋପଣ

କୁତ୍ରା, ୧୮।୮ (ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଓଡିଶା ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତବର୍ତ୍ତୀ ଗଏରବାହାଲଠାରେ ଅବସ୍ଥିତ ବୀର ବିର୍ସା ମୁଣ୍ଡା ସୀମାନ୍ତ କଲେଜରେ ଶୁକ୍ରବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରସନ୍ନ କୁମାର ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା କାର୍ଯ୍ୟରେ ବିଶେଷ ଅତିଥିଭାବେ ଶିବା ସିମେଣ୍ଟର ବରିଷ୍ଠ ଅଧିକାରୀ ଦେବର୍ତ ପଣ୍ଡିତ, ସିଏସଆର୍ ବିଭାଗ ମୁଖ୍ୟ ସଂଗ୍ରାମ କେଶରୀ ରାଉତ, ଅଧିକ୍ଷକ ଅଲେଖ କୁମାର ଦଳେଇ, ଲିମା ରୋଜ ଲାକ୍ରା, ବିଇଓ ଶରତ କୁମାର ପତି, କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଲକ୍ଷ୍ମୀ ନାରାୟଣ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମୟରେ ଚାରାରୋପଣର ଆବଶ୍ୟକତା ନେଇ ଛାତ୍ରୀଛାତ୍ରଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ନିଜ ଜୀବନ କାଳରେ ଅତି କମରେ ୧୦ଟି ଗଛ ଲଗାଇ ତାର ଯତ୍ନ ନେବା ପାଇଁ ଉପଦେଶ ଦେଇଥିଲେ। ପରେ ଶିବା ସିମେଣ୍ଟ ପକ୍ଷରୁ ପ୍ରଦାନ କରାଯାଇଥିବା ବିଭିନ୍ନ ପ୍ରକାରର ଚାରା କଲେଜ ପରିସରରେ ତଥା ନିକଟବର୍ତ୍ତୀ ଅଞ୍ଚଳରେ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜର ଅଶୋକ କୁମାର ସିନ୍ଧୁରାୟ, ସଞ୍ଜୟ କୁମାର ଠାକୁର, ସମିର ପୁରୋହିତ, ଧନେଶ୍ୱର ସାହୁ, ଅଜୟ କୁମାର ପଣ୍ଡା, ଯଶୋବନ୍ତି ନାୟକ, ପୁନମ ତିର୍କୀ ପ୍ରମୁଖ ଅଧାପିକା ଅଧାପକ ସହଯୋଗ କରିଥିଲେ।




କଲେଜ ପରିସରରେ ଚାରା ରୋପଣ କରାଯାଉଛି।

## ଆନ୍ଦୋଳନରୁ ଓହରିଲେ ବିସ୍ଥାପିତ

ହେମଗିର, ୧୮।୮ (ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ବ୍ଲକସ୍ଥିତ ଜାମକାନି କୋଇଲା ଖଣିରେ ଜମି ହରାଉଥିବା ଜାମକାନି, ମେଣ୍ଡ୍ରା, ଗିରିସିମା ଓ ଝାରପଲମ ଗ୍ରାମବାସୀ ବୁଧବାର ବିଭିନ୍ନ ଦାବିକୁ ନେଇ ଜାମକାନିରେ ଆନ୍ଦୋଳନ କରିଥିଲେ। ବିସ୍ଥାପିତ ହେଉଥିବା ଲୋକଙ୍କ ସମସ୍ୟାର ସମାଧାନ ନକରି ଖଣି ଖନନ, କ୍ଷତିପୂରଣ ପ୍ରଦାନରେ ବିଳମ୍ବ, କମ୍ପାନୀରେ ନିଯୁକ୍ତି ପ୍ରଦାନ, ଚାକିରି ବାବଦକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନରେ ବିଳମ୍ବ, ବିସ୍ଥାପିତଙ୍କ ପାଇଁ ତିଆରି ହୋଇଥିବା କଲୋନୀର ପୁନରୁଦ୍ଧାର କରିବା, ଭୂମିହୀନଙ୍କୁ ଚିହ୍ନଟ କରିବା ସହ କ୍ଷତିପୂରଣ ପ୍ରଦାନ, ୨୦୦୭ଠାରୁ କମ୍ପାନୀରେ ନିଯୁକ୍ତି ପାଇ ଯୋଗ୍ୟ ଥିବା ବ୍ୟକ୍ତିଙ୍କୁ କ୍ଷତିପୂରଣ ପ୍ରଦାନ, ଟ୍ରକ ଚଳାଚଳ ପାଇ ଉପଯୁକ୍ତ ରାସ୍ତା ତିଆରି କରିବା ସହିତ ପାଣି ଛିଞ୍ଚନ କରିବାର ବ୍ୟବସ୍ଥା କରିବା ଆଦି ବିଭିନ୍ନ ଦାବିକୁ ନେଇ ଆନ୍ଦୋଳନ କରାଯାଇଥିଲା। ଏହି ଆନ୍ଦୋଳନ ଶୁକ୍ରବାର ୧୦ ଦିନରେ ପହଞ୍ଚିଥିଲା। ତେବେ ଆନ୍ଦୋଳନ ସ୍ଥଳରେ ସୁନ୍ଦରଗଡ ଉପଜିଲାପାଳ ଦାଶରଥୀ ସରାଭୁ ଓ କମ୍ପାନି କର୍ତ୍ତୃପକ୍ଷ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ପରେ ବିସ୍ଥାପିତ ଧାରଣାରୁ ଓହରି ଥିଲେ।

## ବେଦାନ୍ତ ଲୁହା ଖଣି ବିରୋଧରେ ସିଆଇଟିୟୁର ଗଣଧାରଣା

ଟେନ୍‌ସା, ୧୮।୮ (ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ଖଣି ମଣ୍ଡଳ ଅନ୍ତର୍ଗତ କାଶୀରା ପଞ୍ଚାୟତ ନଦିଡିହି ବେଦାନ୍ତ ଲୁହା ଖଣି (ଇଏସଏଲ) ଗେଟ୍ ସମ୍ମୁଖରେ ସିଆଇଟିୟୁ ଗଣ ଧାରଣା ଦେଇଛି। ସୁନ୍ଦରଗଡ ମାଇନ୍ସ ଆଣ୍ଡ୍ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ, ବଣାଇଁ ଟ୍ରକ୍ ଏବଂ ଟିପର ମାଲିକ ସଂଘ ଓ ସିଆଇଟିୟୁର ୫ହଜାରରୁ ଊର୍ଦ୍ଧ୍ୱ କର୍ମୀ ଖଣି ଗେଟ୍ ସମ୍ମୁଖରେ ଗଣ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖଣିର ସମସ୍ତ କାର୍ଯ୍ୟକୁ ବନ୍ଦ କରିବା ସହ ମୁଖ୍ୟ ଗେଟ୍‌ରେ ତାଲା ପକାଇଥିଲେ। ବିଭିନ୍ନ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।

## ମରଣଯନ୍ତା ପାଲଟିଛି ଦଲକି ଶଙ୍ଖ ସେତୁ, ମରାମତି ଦାବି

କୁଆଁରମୁଣ୍ଡା, ୧୮।୮ (ମହେନ୍ଦ୍ର କୁମାର ସାହୁ)

ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟକୁ ସଂଯୋଗ କରୁଥିବା ଦଲକି ଶଙ୍ଖ ନଦୀ ସେତୁ ମରଣଯନ୍ତା ପାଲଟିଛି। ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଏବଂ କୁଆଁରମୁଣ୍ଡା ବ୍ଲକକୁ ସଂଯୋଗ କରିଥିବା ଶଙ୍ଖ ସେତୁକୁ ସୀମାନ୍ତ ଅଞ୍ଚଳର ଜୀବନ ରେଖା କୁହାଯାଏ। ହେଲେ ବର୍ତ୍ତମାନ ଏହି ସେତୁ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି। ସେତୁ ଉପରେ ବଡ଼ ବଡ଼ ଗର୍ତ୍ତ ସାଙ୍ଗକୁ ଖାଲମାନ ରହିଛି। ସେତୁର ଲୁହା ଛଡଗୁଡ଼ିକ ବାହାରି ଥିବା ଯୋଗୁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ଉକ୍ତ ସେତୁ ମରାମତି ପାଇଁ ଅଞ୍ଚଳବାସୀ ଅନେକ ଥର ରାସ୍ତା ଅବରୋଧ ସହ ଆନ୍ଦୋଳନ କରିଥିଲେ। ବର୍ତ୍ତମାନ ସେତୁ ମରାମତି ପାଇଁ ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏହି ସେତୁର ମରାମତି କରା ନ ଗଲେ ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ଜନସାଧାରଣ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତବାନୀ ଦେଇଛନ୍ତି।



ସେତୁରେ ଗର୍ତ୍ତ ସୃଷ୍ଟି ହୋଇଛି।

## ୬ ଦଫା ଦାବିରେ ଏନ୍‌ଟିପିସି ଦର୍ଲିପାଲି ଅଧିକାରୀଙ୍କ ସହ ଆଲୋଚନା

ସୁନ୍ଦରଗଡ, ୧୮।୮ (ଜୟ ନାରାୟଣ ମେଣ୍ଟୁଳି)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ର ଏକ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ଏନ୍‌ଟିପିସି ଦର୍ଲିପାଲି ମାନବ ସମ୍ବଳ ଅଧିକାରୀ ହିମାଂଶୁ ବେହେରାଙ୍କୁ ସାକ୍ଷାତ କରି ବେକାରୀ ନିଯୁକ୍ତି ଓ ପାରିପାର୍ଶ୍ୱିକ ବିକାଶ ଉପରେ ଆଲୋଚନା କରିଛନ୍ତି। ସ୍ଥାନୀୟ ଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ ସହ ଅନ୍ୟାନ୍ୟ ୬ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟ ଦାବି ଗୁଡିକ ମଧ୍ୟରେ ଠିକା ନିଯୁକ୍ତିକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ସ୍ଥାନୀୟ ଯୁବତୀଯୁବକଙ୍କ ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ କେନ୍ଦ୍ର ଖୋଲିବା, ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟକ୍ରମରେ ଶିକ୍ଷା, ଗମନାଗମନ ଓ ପାନୀୟ ଜଳଯୋଗାଣକୁ ଅଧିକ ଗୁରୁତ୍ୱ ଦେବା, କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରି ଲୁକ୍କାୟିତ ପ୍ରତିଭାଙ୍କୁ ଚୟନ କରି ପ୍ରୋତ୍ସାହନ ଯୋଗାଇ ଦେବା। ଏଥିସହ ସୁରୁଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନଃଉଦ୍ଧାର ପାଇଁ ପଦକ୍ଷେପ ଗ୍ରହଣ ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏନ୍‌ଟିପିସି ଦର୍ଲିପାଲିର ମାନବ ସମ୍ବଳ ବିଭାଗର ବରିଷ୍ଠ ଅଧିକାରୀ ବେହେରା ଏହି ଦାବିପତ୍ରକୁ ଗ୍ରହଣ କରିବା ସହ ଆଗାମୀ ଦିନରେ ଏନ୍‌ଟିପିସିର ବରିଷ୍ଠ ଉଚ୍ଚ ପଦାଧିକାରୁଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସିପିଆଇର ଏହି ପ୍ରତିନିଧି ମଣ୍ଡଳୀରେ ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତି, ପ୍ରଦୂଷଣ ଓ ବିସ୍ଥାପନ ବିରୋଧୀ ନେତା ରାଜେନ୍ଦ୍ର ନାଏକ, ଆଇନଜୀବୀ ସନ୍ତୋଷ ଆଚାର୍ଯ୍ୟ, ରାଧେଶ୍ୟାମ ଗର୍ଡିଆ, ନରେଶ ମେହେର, ରମେଶ ଜୟପୁରିଆ, ବ୍ରହ୍ମା କିଷାନ, ବଂଶୀଧର କଉଡି ପ୍ରମୁଖ ସାମିଲ ଥିଲେ।



ସିପିଆଇ ପ୍ରତିନିଧି ମଣ୍ଡଳୀ ଏନ୍‌ଟିପିସି ଦର୍ଲିପାଲି ମାନବ ସମ୍ବଳିତ ଅଧିକାରୀ ହିମାଂଶୁ ବେହେରାଙ୍କ ସହ ଆଲୋଚନା କରୁଛନ୍ତି।

## ଜାତୀୟ ସେବା ଯୋଜନା, ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳସ୍ଥିତ ଲୋକଦୃଷ୍ଟି କଲେଜରେ ଜାତୀୟ ସେବା ଯୋଜନା ଓ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ବ୍ୟାପକ ବୃକ୍ଷ ରୋପଣ କରାଯାଇଥିଲା। ପରେ ଏକ ସଚେତନ ଶୋଭାଯାତ୍ରା ଅଧକ୍ଷ ତାପସ ପାଣିଗ୍ରାହୀ ଶୁଭାରମ୍ଭ କରିଥିଲେ। ଏଥିରେ ବହୁ ସଂଖ୍ୟକ ଛାତ୍ରୀଛାତ୍ର, ଯୋଜନା ଅଧିକାରୀ ଅଧାପକ ଡା ଶୋଭିତ ମିଶ୍ରଙ୍କ ନେତୃତ୍ୱରେ ନିକଟସ୍ଥ ଗଡରାମୁଣ୍ଡା ଗ୍ରାମକୁ ଯାଇ ମା', ମାଟି, ଐତିହ୍ୟ, ସଂସ୍କୃତି ସୁରକ୍ଷା, ଏକତା ବଜାୟ ରଖିବା ଓ ଦେଶର ବୀର ସୈନିକ ଓ ଶହୀଦଙ୍କ ବନ୍ଦନା କରିଥିଲେ।

## ସଂକ୍ଷେପରେ

### ଶବ୍ଦ ପ୍ରଦୂଷଣ କରୁଥିବା ୬ ବୁଲେଟ୍ ଜବତ

ବଲାଙ୍ଗୀର,୧୮।୮(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଭୀଷଣ ଶବ୍ଦ ପ୍ରଦୂଷଣ କରୁଥିବା ୬ଟି ବୁଲେଟ୍‌କୁ ଜବତ କରିଥିବା ଜଣାପଡିଛି। ବୁଲେଟ୍‌ର ସାଇଲେନ୍ସସର ବଦଳାଇ ଏହି ଗାଡିଚାଳକମାନେ ସହରରେ ଭୀଷଣ ଶବ୍ଦ କରି ଯବା ଆସିବା କରୁଥିଲେ। ସେମାନଙ୍କ ବୁଲେଟ୍‌କୁ ଜବତ କରି ୩୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ଆଗକୁ ଏହି ଅଭିଯାନ ଜାରି ରହିବ ବୋଲି ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ସୂଚନା ଦେଇଛନ୍ତି। ଏହା ସହିତ କ୍ଷିପ୍ର ଗତିରେ ଚଲାଉଥିବା ବାଇକ୍ ଏବଂ ଚାରିଚକିଆ ଗାଡି ଉପରେ ମଧ ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ଜେଇଇ ମୁଖ୍ୟ ପରୀକ୍ଷାରେ ଛାତ୍ରଙ୍କ ସଫଳତା

ମୁରିବାହାଲ, ୧୮।୮(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ସଦର ମହକୁମାର ରାଜକୁମାର ଭୋଇ ଓ ରଶ୍ମିଲତା ପାତ୍ରଙ୍କ ପୁତ୍ର ରୋହନରାଜ



ଭୋଇର ସଫଳତା ଯୋଗୁ ଅଞ୍ଚଳରେ ଖୁସି ଲହରୀ ଖେଳିଯାଇଛି। ରୋହନରାଜ ଜେଇଇ ମୁଖ୍ୟ ପରୀକ୍ଷାରେ ସଫଳତା ହାସଲ କରିଥିବା ସହିତ ଇଣ୍ଟିଗ୍ରେଟେଡ଼ ଏମ. ଟେକ, ଆଇଆଇଆଇଟିରେ ଚୟନ ହୋଇ ଅଟଳ ବିହାରୀ ବାଜପେୟୀ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଇନଫରମେସନ ଏଣ୍ଡ ଟେକ୍ନୋଲୋଜି ଏଣ୍ଡ ମ୍ୟାନେଜମେଣ୍ଟ ପ୍ରବେଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପୂର୍ବରୁ ରୋହନ ମୁରିବାହାଲ ଆଦର୍ଶ ବିଦ୍ୟାଳୟରେ ଛାତ୍ର ଭାବରେ ୯୬% ମାର୍କ ରଖି ମୁରିବାହାଲ ବ୍ଲକ ଟପ୍ପର ହୋଇଥିଲେ। ରୋହନଙ୍କ ବାପା ଓ ମା ଦୁହେଁ ହାଇସ୍କୁଲ ଶିକ୍ଷକ ଥିବାବେଳେ ଆଗାମୀ ଦିନରେ ରୋହନ ଦେଶ ଓ ମାତୃଭୂମି ପାଇଁ କିଛି ନୂଆ କରିବେ ବୋଲି ପ୍ରକାଶ କରିଛନ୍ତି।

### ଓଡ଼ିଶା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ଛାତ୍ରୀ ସମ୍ମାନିତ

ଖଡ଼ିଆଳ,୧୮।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଚଳାନପଡା ରାମନାଥ ଉଚ୍ଚ ବିଦ୍ୟାଳୟର ଛାତ୍ରୀ



ପ୍ରଜ୍ଞା ମଞ୍ଜରୀ ଚଳାନ ଚଳିତ–୨୦୨୩ ଶିକ୍ଷା ବର୍ଷରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ତାଙ୍କୁ ସ୍ୱାଧୀନତା ଦିବସରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଛାତ୍ରୀ ଜଣକ ଗୋଇମୁଣ୍ଡି ଗ୍ରାମର ସାନୁ ଚାଲାନ ଓ ଧର୍ମଣୀ ଚଲାନଙ୍କ ଝିଅ। ଏହି ସମ୍ମାନ ମିଳିବା ପରେ ଛାତ୍ରୀଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

### ଦୁଇ ଲୁଟେରା ଗିରଫ, ବାଇକ୍ ସହ ୬ ମୋବାଇଲ ଜବତ୍



ବଲାଙ୍ଗୀର, ୧୮।୮ (ବୀରେନ୍ଦ୍ର କୁମାର ଝାଙ୍କର)

ପୁଇଁତଲା ଥାନା ଅନ୍ତର୍ଗତ ଠେଲକୋମୁଣ୍ଡା ତାଳମୁଣ୍ଡା ଛକଠାରେ କଲେଜରୁ ସାଇକଲରେ ଫେରୁଥିବା ଦୁଇଜଣ ଛାତ୍ରଙ୍କୁ ଭୁଜାଲି ଦେଖାଇ ମୋବାଇଲ ଲୁଟ୍ କରିଥିବା ଦୁଇ ଅଭିଯୁକ୍ତଙ୍କୁ ପୁଇଁତଲା ପୋଲିସ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ବଇରାସର ଗ୍ରାମର ବବଲୁ ମହାନନ୍ଦ ଓ ତରଭା ଥାନା ଶିବତଲା ଗ୍ରାମର ଦେବହରି ଛତରିଆ। ଏହି ଦୁଇ ଅଭିଯୁକ୍ତ ବିଭିନ୍ନ ରାସ୍ତାରେ ଲୋକଙ୍କଠାରୁ ଟଙ୍କା ଓ ମୋବାଇଲ ଲୁଟ୍ କରୁଥିବା ସ୍ୱୀକାର କରିଛନ୍ତି। ସେମାନଙ୍କ ଠାରୁ ଲୁଟ୍ ହୋଇଥିବା ଛାତ୍ରଙ୍କ ମୋବାଇଲ ସହ ଅନ୍ୟ ୬ଟି ମୋବାଇଲ, ଏକ ନମ୍ବରବିହୀନ ବାଇକ୍ ଏବଂ ଏକ ଭୁଜାଲି ଜବତ କରିଯାଇଥିବା ସଦର ଏସଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି।

# ଚାଉଳ ବୋଝେଇ ଟ୍ରକ୍ ଜବତ

## ପିଡିଏସ୍ ଚାଉଳ ଚୋରାଚାଲାଣ ସନ୍ଦେହ

ଲୋଇସିଂହା, ୧୮।୮(ସୁଶାନ୍ତ ବାରିକ)




ଚାଉଳ ଚୋରାଚାଲାଣ ହେଉଥିବା ଜବତ ଟ୍ରକ।

ବଲାଙ୍ଗୀର କଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସାଲେଭଟାରୁ ଏକ ଚାଉଳ ବୋଝେଇ ଟ୍ରକ ଓଡି ୧୫ସି ୪୦୬୨କୁ ଲୋଇସିଂହା ପୋଲିସ ଶୁକ୍ରବାର ଜବତ କରିଛି। ହରଭଙ୍ଗା ଅଞ୍ଚଳରୁ ପଦ୍ମପୁର ଅଞ୍ଚଳକୁ ଯାଉଥିବା ଉକ୍ତ ଟ୍ରକରେ ୩୮୦ ପ୍ୟାକେଟ ଚାଉଳ ଥିବା ପୋଲିସ ଜାଣିବାକୁ ପାଇଛି। ରିସାଇକ୍ଲିଂ ପାଇଁ ପିଡିଏସ୍ ଚାଉଳକୁ ଚୋରାଚାଲାଣ କରୁଥିବା ନେଇ ପୋଲିସ ସନ୍ଦେହ କରୁଛି। ପୋଲିସଠାରୁ ସୂଚନା ପାଇ ଲୋଇସିଂହା ଓ ଆଗଲପୁର ଦାୟିତ୍ୱରେ ଥିବା ବ୍ଲକ ଯୋଗାଣ ନିରୀକ୍ଷକ ସୌମ୍ୟରଞ୍ଜନ ମହାନନ୍ଦ ଥାନାରେ ପହଞ୍ଚି ଚାଉଳର ନମୁନା ସଂଗ୍ରହ କରିଛନ୍ତି। ସରକାରୀ ସିଲ୍ ବସ୍ତା ନୁହେଁ। ଜବତ ଟ୍ରକରେ ଜରି ବସ୍ତାରେ ଚାଉଳ ରହିଛି। ଏନେଇ ଅଧିକ ତଦନ୍ତ ଚାଲିଥିବା ବ୍ଲକ ଯୋଗାଣ ନିରୀକ୍ଷକ ମହାନନ୍ଦ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଆଗଲପୁର ବ୍ଲକ ହରଭଙ୍ଗା ଅଞ୍ଚଳରୁ ଏକ ଟ୍ରକରେ ପିଡିଏସ୍ ଚାଉଳ ଚୋରାଚାଲାଣରେ ଯାଉଥିବା ନେଇ ଲୋଇସିଂହା ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଆଇଆଇସି ଯାଜ୍ଞସିନୀ ନାୟକ, ଏସ୍ଆଇ ଅବିନାଶ ନାୟକ ଓ କର୍ମଚାରୀ ସଦଳବଳେ ସାଲେଭଟାରେ ଛକି ରହିଥିଲେ। ଉକ୍ତ ଟ୍ରକକୁ ଅଟକାଇ ଯାଞ୍ଚ କରିବାରୁ ଜରି ବସ୍ତାରେ ପିଡିଏସ୍ ଚାଉଳ ଥିବା ଜଣାପଡିଥିଲା। ଏତେ ସଂଖ୍ୟକ ଚାଉଳ ଚାଲାଣ ହେଉଥିଲେ ମଧ୍ୟ ଟ୍ରକ କର୍ମଚାରୀ ଆବଶ୍ୟକ କାଗଜାତ ଦେଖାଇ ପାରି ନ ଥିଲେ। ଅପରପକ୍ଷେ ଟ୍ରକ କର୍ମଚାରୀଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି ପୋଲିସ। ସମ୍ପୃକ୍ତ ଟ୍ରକଟି ପଦ୍ମପୁର ବୋରାସମ୍ବର ଆସାସିଏସନର ବୋଲି ଜଣାଯାଇଛି। ଚାଉଳ ଚୋରାଚାଲଣ କୌଣସି ବ୍ୟବସାୟୀ ନା ପଞ୍ଚାୟତ କର୍ମଚାରୀ କରୁଥିଲେ ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ଉଲ୍ଲେଖଯୋଗ୍ୟ ଯେ, ଗତ କିଛି ମାସ ପୂର୍ବେ ଆଗଲପୁର ବ୍ଲକ ମୁରଷୁଣ୍ଡି ପଞ୍ଚାୟତର ଗୋଦାମରୁ ପିଡିଏସ୍ ଚାଉଳ ଚୋରି ନେଇ ଅଭିଯୋଗ ହୋଇଥିଲା। ହେଲେ ପରବର୍ତ୍ତି ସମୟରେ ପୋଲିସ ତଦନ୍ତ ବେଳେ ଜଣାପଡିଥିଲା ଯେ, ପଞ୍ଚାୟତର କର୍ମଚାରୀ ପିଡିଏସ୍ ଚାଉଳକୁ ଆତ୍ମସାତ କରି ମିଛ ଚୋରି ଅଭିଯୋଗ କରିଥିଲେ। ହେଲେ ସେତେବେଳେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ଟ୍ରାକ୍ଟର ଓଲଟି ୩ ଆହତ



ଟ୍ରାକ୍ଟର ଓଲଟି ପଡିଛି।

ଦେଓଗାଁ,୧୮।୮(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ଥାନା ଅନ୍ତର୍ଗତ କୁତୁର୍ଲା ପଞ୍ଚାୟତ ଅଧିନସ୍ଥ ବହଲି ଗ୍ରାମର ନିକଟରେ ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡିଥିବା ଦେଖିବାକୁ ମିଳିଛି। ସୂଚନା ମତେ ଗାଁରୁ ନିକଟ ଏକ ଚାଷ ଜମିକୁ କାଦୁଅ କରିବା ପାଇଁ ଯାଉଥିବାବେଳେ ରାସ୍ତା କାଦୁଅ ହୋଇଥିବାରୁ ଗାଡିଟି ଭାରସାମ୍ୟ ହରାଇ ରାସ୍ତା ଉପରୁ ଚାଷ ଜମିକୁ ଗଡିଯାଇ ଓଲଟି ପଡିଥିଲା। ଗାଡିରେ ଥିବା ଡ୍ରାଇଭର ରାକେଶ ପୋଢ ଓ ଅନ୍ୟ ଦୁଇଜଣ ଓମ ନାୟକ ଓ ମନୋଜ ପୋଢ ଆହତ ହୋଇଥିବା ଜଣାପଡିଛି। ଗ୍ରାମବାସୀ ଖବର ପାଇ ଘଟଣାସ୍ଥଳକୁ ପହଞ୍ଚି ତିନି ଜଣଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବଲାଙ୍ଗିର ଭୀମଭୋଇ ଡାକ୍ତରଖାନାକୁ ନେଇଥିବା ଜଣାପଡିଛି। ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

# କଂଗ୍ରେସ ତରଫରୁ ସଇଁତଲା ବ୍ଲକ ଘେରାଉ ଓ ଦାବିପତ୍ର




ବ୍ଲକ କଂଗ୍ରେସ ତରଫରୁ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସଇଁତଲା,୧୮।୮(ରାଖାଲ ପ୍ରସାଦ ଶତପଥି)

ସଇଁତଲା ବ୍ଲକ କଂଗ୍ରେସ ତରଫରୁ ୯ ଦଫା ଦାବି ନେଇ ଶୁକ୍ରବାର ବ୍ଲକ ଘେରାଉ କରାଯିବା ସହ ବିଡ଼ିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ୯ଟି ପ୍ରସଙ୍ଗରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଡ଼ାକରାରେ ସଇଁତଲା ବ୍ଲକ କଂଗ୍ରେସ ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପରେ ସେଠାରେ ମାଝିଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କଂଗ୍ରେସ ଦଳର ପର୍ଯ୍ୟବେକ୍ଷକ ଉମାଶଙ୍କର ପଣ୍ଡା, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁବ୍ରତ ବେହେରା, ବ୍ଲକ କୃଷକସେଲ ସଭାପତି ଉତ୍ତମ ପଟେଲ, ପୂର୍ବତନ ସରପଞ୍ଚ ବଜରଙ୍ଗ ଜୈନ, ଯୁବ ନେତା ଜ୍ୟୋତିମୟ ମହାନ୍ତି, ଜିଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ, ନାରୀ ନେତ୍ରୀ ଦିପାଞ୍ଜଳୀ ବାରିକ, କୁମ୍ଭାରୀ ସମିତି ସଭ୍ୟା ସରୋଜିନୀ ବିଭାର ପ୍ରମୁଖ ବ୍ଲକ କାର୍ଯ୍ୟାଳୟର ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସଭା ଶେଷରେ ସୁବ୍ରତ ବେହେରା ଧନ୍ୟବାଦ ଜ୍ଞାପନ କରିବା ସହ କଂଗ୍ରେସ ନେତୃବୃନ୍ଦଙ୍କ ସହ ଯାଇ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଶିଷକେଲା ସମିତି ସଭ୍ୟ ଉମାକାନ୍ତ ରଣା, ଲଲାଟେନ୍ଦୁ ପୃଷେଠ୍, ବୁଲୁ ବଗର୍ତି, ଗଦାଧର ସାହୁ, ଲଳିତ ମାଝୀ, ବବିତା ସାହୁ, ପୂର୍ବତନ ସରପଞ୍ଚ ମୁକୁନ୍ଦ ନାଗ, ଅମିତ ରଥ, ରଥି ସାହୁ, ଭୀଷ୍ମ ସାହଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# କଂଗ୍ରେସ ପକ୍ଷରୁ ବ୍ଲକ ଘେରାଉ

ଗୁଡ଼ଭେଲା,୧୮।୮ (ମନୋଜ କୁମାରଜୈନ)

ଗୁଡ଼ଭେଲା ବ୍ଲକ କଂଗ୍ରେସ ପକ୍ଷରୁ ଶୁକ୍ରବାର ମହୋ ନାଗଙ୍କ ନେତୃତ୍ୱରେ ୯ଦଫା ଦାବିରେ ଗୁଡ଼ଭେଲା ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହ ବିଡ଼ିଓ ଗୁରେଶ୍ୱର ଭୋଇଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ପ୍ରଥମେ ଗୁଡ଼ଭେଲା ମହକୁମାର ଗାଁମୁଣ୍ଡରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ ପରିସରରେ ପହଞ୍ଚି ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଂଗ୍ରେସ ପୂର୍ବତନ ବ୍ଲକ ସଭାପତି ଶ୍ରୀକାନ୍ତ ବାଗ ଓ ନଗର ସଭାପତି ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

# କଂଗ୍ରେସ ତରଫରୁ ବ୍ଲକ ଘେରାଉ

ଦେଓଗାଁ,୧୮।୮(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ କଂଗ୍ରେସ ତରଫରୁ ବ୍ଲକ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀଙ୍କ ନେତୃତ୍ୱରେ ବ୍ଲକ ଉପାଧକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ, କଂଗ୍ରେସ ସେବାଦଳ ମୁଖ୍ୟ ଅସିତ ମିଶ୍ର, ଜିଲା କଂଗ୍ରେସ କମିଟି ସମ୍ପାଦକ ବିଶ୍ୱଜିତ ପାତ୍ର, ବ୍ଲକ କଂଗ୍ରେସ ଯୁବସଭାପତି ସମୀର ସାହୁ, କୃଷକ କଂଗ୍ରେସ ସେଲ ସଭାପତି ପ୍ରଦ୍ୟୁମ୍ନ ସାହୁ, ବନ୍ଧପଡା ସମିତି ସଭ୍ୟ କାନ୍ତେଶ୍ୱର ପଧାନ, ତାରାକାନ୍ତ ବାଗ, ପୂର୍ବତନ ବ୍ଲକ ଉପାଧକ୍ଷ ଜନ୍ମେଜୟ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ କୈଳାସ ତାଣ୍ଡି, ଏସସି ସେଲ ସଭାପତି ମନବୋଧ ହରପାଲ, ଜରାସିଂହା ସମିତି ସଭ୍ୟ ଅମିତ ତ୍ରିପାଠୀ, ରାମଚନ୍ଦ୍ରପୁର ସମିତି ସଭ୍ୟ ସଂକୀର୍ତ୍ତନ ବାଗ, ବଡବନ୍ଧ ସରପଞ୍ଚ ଜଗବନ୍ଧୁ ମେହେର, କରୁଣାକର ମେହେର, ବନମାଳି ବେହେରା, ଭିକାରୀ ଚରଣ ପଧାନ, ବଳରାମ ନାଏକ ସମେତ ଶତାଧିକ କଂଗ୍ରେସ କର୍ମୀ ଘେରାଉ କାର୍ଯ୍ୟକ୍ରମରେ ସାମିଲ ଥିଲେ। ଶେଷରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ୯ ଦଫା ଦାବି ନେଇ ଖପ୍ରାଖୋଲ ବ୍ଲକ ଘେରିଲା କଂଗ୍ରେସ ଦଳ

ଖପ୍ରାଖୋଲ ୧୮।୮ (ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ କଂଗ୍ରେସ ଦଳ ତରଫରୁ ୯ ଦଫା ଦାବି ନେଇ ଶୁକ୍ରବାର ବ୍ଲକ ଘେରାଉ କରାଯାଇଥିଲା। ଏହି ଅବସରରେ ପାଟଣାଗଡ ଉପଖଣ୍ଡ କଂଗ୍ରେସ ଦଳ ଯୁବ ସଭାପତି ଚନ୍ଦନ ସାହୁଙ୍କ ନେତୃତ୍ୱ ରେ କଂଗ୍ରେସ ଦଳର କର୍ମୀମାନେ ସ୍ଥାନୀୟ ଆର୍‌ଆଇ ଅଫିସ ଠାରୁ ବିକ୍ଷୋଭ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖକୁ ପହଞ୍ଚିଥିଲେ। ଏହି ଅବସରରେ ୯ ଦଫା ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ବିଜୟ କୁମାର ହୋତାଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ସଭାପତି ଗୋବିନ୍ଦ କଳେତ, ରଞ୍ଜିତ ଭୋଇ, ସୁଶିଲ ମାଝୀ, କରୁଣା କୁଅଁର, ଜବଦୁ ପଟେଲ, ପିଙ୍କୁ ସାହୁ, ଅରୁଣ ସାହୁ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ୩ ଏକରରୁ ଉର୍ଦ୍ଧ୍ୱ ଜବରଦଖଲ ଜମି ଉଚ୍ଛେଦ



ଜବରଦଖଲ ଉଚ୍ଛେଦ କରାଯାଉଛି।

କଣ୍ଟାବାଞ୍ଜି, ୧୮।୮(ଗୁରୁଦୟାଲ ହଂସ)

ବଲାଙ୍ଗିର ଜିଲା କଣ୍ଟାବାଞ୍ଜି ତହସିଲ ଅଧିନରେ ଥିବା କୁର୍ଲି ଗ୍ରାମର ୩ ଏକର ରୁ ଉର୍ଦ୍ଧ୍ୱ କୋଟି କୋଟି ଟଙ୍କାର ଜବର ଦଖଲ ଜମି ଶୁକ୍ରବାର ଉଚ୍ଛେଦ କରାଯାଇଛି। ମିଳିଥିବା ସୂଚନା ଅନୁସାରେ କଣ୍ଟାବାଞ୍ଜି ବଲାଙ୍ଗିର ରାଜ୍ୟ ରାଜପଥ ନଂ. ୪୨ର ପାର୍ଶ୍ୱରେ ଥିବା ଖାତା ନଂ.୮୩ ମୌଜା–କୁର୍ଲିର ପ୍ଲଟ ନଂ. ୨୨୧,୨୨୨ କିସମ –ସରକାରୀ ଖାତାର ୩ ଏକର ରୁ ଉର୍ଦ୍ଧ୍ୱ ଜମିକୁ ଜମି ମାଫିଆମାନେ ଜବର ଦଖଲ କରି ପାଚେରୀ ଦେଇଥିଲେ। ଏହି ଜମିକୁ ଜବରଦଖଲ ନେଇ ଦୀର୍ଘ ବର୍ଷରୁ କୁର୍ଲି ଗ୍ରାମର ଜନସାଧାରଣ ରାଜସ୍ୱ ବିଭାଗ ଠାରେ ଅଭିଯୋଗ କରିଆସୁଥିଲେ। ପ୍ରକାଶ ଥାଉକି ଏହି ଜମିରେ ବନ ବିଭାଗ ଦ୍ୱାରା ପୂର୍ବରୁ ନଗର ବନ ଯୋଜନାରେ ଉନ୍ନୟନ ମୂଳକ କାର୍ଯ୍ୟ କରିବା ନେଇ ଜମି ଚିହ୍ନଟ ବେଳେ ସରକାରୀ ଜମି ଚିହ୍ନଟ ହୋଇପାରୁ ନ ଥିଲା। ଫଳରେ ଗ୍ରାମର କୌଣସି ଉନ୍ନତିକରଣ ହୋଇପାରୁ ନ ଥିଲା। ଏହି ଅଭିଯୋଗକୁ ଭିତ୍ତିକରି ଗ୍ରାମବାସୀ ବିଭିନ୍ନ ସମୟରେ କଣ୍ଟାବାଞ୍ଜି ତହସିଲ କାର୍ଯ୍ୟାଳୟ ସହ ଜିଲା ପ୍ରଶାସନକୁ ମଧ୍ୟ ଅଭିଯୋଗ କରିଆସୁଥିଲେ। ଅଭିଯୋଗକୁ ଆଧାର କରି ଶୁକ୍ରବାର ଉପଜିଲାପାଳ ଦୟାମୟ ପାଢ଼ିଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଅମୃତଲାଲ ବେହେରା, ସମସ୍ତ ରାଜସ୍ୱ ବିଭାଗ କର୍ମଚାରୀ ସହ ପୋଲିସ ଫୋର୍ସଙ୍କ ଉପସ୍ଥିତରେ ଦୁଇଟି ଜେସିବି ମେସିନ ସାହାର୍ଯ୍ୟରେ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦକୁ ନେଇ ସହରର ମଧ ଭାଗରେ ଥିବା ସରକାରୀ ରାଷ୍ଟ୍ରୀୟ ହିନ୍ଦି ବିଦ୍ୟାଳୟ ଏବଂ ଅନ୍ୟାନ ସରକାରୀ ଜମି ମାଫିଆଙ୍କ କବଜାରେ ଥିବା ଜମିକୁ ଜବର ଦଖଲରୁ ଉଚ୍ଛେଦ କେବେ ହେବ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି।

# ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବଲାଙ୍ଗୀର,୧୮।୮ (ବୀରେନ୍ଦ୍ର କୁମାର ଝାଙ୍କର)

ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ଶୁକ୍ରବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ୨ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରାଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଏମ୍‌ଜିଏନ୍‌ଆରଇଜିଏ, ଗ୍ରାମୀଣ ଆବାସ ଯୋଜନା, ମୋ ଘର, ପିଡିଏସ୍ ବଣ୍ଟନ, ସାମାଜିକ ସୁରକ୍ଷା ସହାୟତା କାର୍ଯ୍ୟକ୍ରମ, ଗ୍ରାମ ପଞ୍ଚାୟତ ଉନ୍ନୟନ ଯୋଜନା, ହରିଶ୍ଚନ୍ଦ୍ର ସହାୟତା, ପାନୀୟ ଜଳ ଯୋଗାଣ ସହ ଅନେକ ଯୋଜନାର ସଫଳ ରୂପାୟନ ପାଇଁ କାର୍ଯ୍ୟ କରୁଛନ୍ତି। ଏହା ସହିତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଏନେଇ ଉତ୍ତରଦାୟୀ ମଧ କରାଯାଉଛି। ଏହାସତ୍ତ୍ୱେ ସରକାର ସେମାନଙ୍କ ଦାବି ପୂରଣ ଦିଗରେ ପଦକ୍ଷେପ ନେଉନାହାନ୍ତି। ଏଣୁ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ମହାସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟକାଳୀନ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରାଯାଇଛି। ଦୁଇ ଦଫା ଦାବିରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଯୁକ୍ତଦୁଇରୁ ଯୁକ୍ତତିନିକୁ କରିବା ସହ ଦରମା ହାର ଲେବୁଲ ୫ରୁ ଲେବୁଲ ୯ କରିବା ଏବଂ ସମସ୍ତ ପିଇଓଙ୍କୁ ପଦୋନ୍ନତି ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ଦିଆଯାଇଛି। ଏହି ଆନ୍ଦୋଳନରେ ଜିଲାର ବହୁ ପଞ୍ଚାୟତ ଅଧିକାରୀ ଉପସ୍ଥିତ ଥିଲେ।

# ମୁରିବାହାଲ କଂଗ୍ରେସ ତରଫରୁ ବ୍ଲକ ଘେରାଉ

ମୁରିବାହାଲ, ୧୮।୮(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ କଂଗ୍ରେସ କମିଟି ତରଫରୁ ଶୁକ୍ରବାର ମୁରିବାହାଲ ବ୍ଲକ ଘେରାଉ କରାଯିବା ସହ ରାଜ୍ୟପାଳଙ୍କର ଉଦ୍ଦେଶ୍ୟରେ ୯ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ମୁରିବାହାଲ କଲ୍ୟାଣ ମଣ୍ଡପ ନିକଟରୁ ଶତାଧିକ କଂଗ୍ରେସ କର୍ମୀ ଏକ ଶୋଭାଯାତ୍ରା ଯାତ୍ରାରେ ମୁରିବାହାଲ ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚି ଥିଲେ। ମୁରିବାହାଲ ବ୍ଲକ କଂଗ୍ରେସ କମିଟିର ସଭାପତି ପ୍ରଫୁଲ ବଘାରଙ୍କର ସଭାପତିତ୍ୱରେ ଏକ ପ୍ରତିବାଦ ସଭାରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥି ରୂପେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କର ଏକଛତ୍ରବାଦ ଶାସନ,୨୪ ବର୍ଷଶାସନ ନାରୀ ସୁରକ୍ଷିତ ନୁହେଁ, ଚାଷୀ ମାନଙ୍କଉପରେ ମରଣା ନୀତି, ସହ ବ୍ୟାପକ ଦୂର୍ନୀତି ଉପରେ ନିଜର ମତବ୍ୟକ୍ତ କରି ଥିଲେ।

ଏହି କାର୍ଯ୍ୟକର୍ମରେ କଂଗ୍ରେସ କମିଟି ପିସିସି ମେମ୍ବର ଅମିତ ସିଂ ସାଲୁଜା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବେଲାରସେନ ବେହେରା, କଂଗ୍ରେସ କମିଟି ଉପସଭାପତି ବିଭୀଷଣ ମହାନନ୍ଦ, ୨୯ ନମ୍ବର ଜୋନ ଜିଲା ପରିଷଦ ଗୋପିନାଥ ପାଣିଗ୍ରାହୀ, ଯଦୁ ତାଣ୍ଡି,ତେଜରାଜ ଲୁହା, ମାଲିଶିରା ସରପଂଚ ଦେବରାଜ ପାତ୍ର, ଯଦୁପତି ଅଗସ୍ତି, ଗିରିଧାରୀ ସାହୁ, ବୁଲୁ ବିଶି, ବୁଲୁ କୁମ୍ଭାର, ଆନନ୍ଦ ତାଣ୍ଡି, ଗୁରମେଲ ସିଙ୍ଗ ଭାଟିଆ, ବିଦ୍ୟାଧର ହାତୀ, ପିତବାସ ବେହେରା, ଜିତେନ ହାତୀ,କୁନା ପଶାୟତ, ତପି ସାହୁ, ଉମେଶ ସିଙ୍ଗ ବର୍ମା, ଚିନ୍ତା ମଣି ବେହେରା, ନରେନ୍ଦ୍ର ବନଛୋର ଉପସ୍ଥିତ ଥିଲେ।

# ବଲାଙ୍ଗୀର, ପୁଇଁତଲା ବ୍ଲକ ଅଫିସ ଘେରାଉ




ପୁଇଁତଲା ବ୍ଲକ ଅଫିସଠାରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




ବଲାଙ୍ଗୀର ସଦର ବ୍ଲକ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବଲାଙ୍ଗୀର, ୧୮।୮ (ବୀରେନ୍ଦ୍ର କୁମାର ଝାଙ୍କର)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ଓଡିଶାର ସମସ୍ତ ୩୧୪ଟି ବ୍ଲକ ଅଫିସ ସମ୍ମୁଖରେ କଂଗ୍ରେସ କମିଟି ପକ୍ଷରୁ ଘେରାଓ ପରିପ୍ରେକ୍ଷୀରେ ଶୁକ୍ରବାର ବଲାଙ୍ଗୀର ସଦର ବ୍ଲକ ଏବଂ ପୁଇଁତଲା ବ୍ଲକ ଅଫିସ ଘେରାଓ ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବ୍ଲକଗୁଡିକରେ ବ୍ୟାପକ ପିସି କାରବାର, ଆବାସ ଯୋଜନା ଦୁର୍ନୀତି, ଅହେତୁକ ଦରଦାମ ବୃଦ୍ଧି, ନାରୀ ନିର୍ଯାତନା, ଚାଷୀ ମାରଣ ନୀତି, ଟାଟା କମ୍ପାନୀର ଖାଉଟି ବିରୋଧୀ ବିଜୁଳି ନୀତି ବିରୋଧରେ ୯ ଦଫା ସମ୍ବଳିତ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ବଲାଙ୍ଗୀର ସଦର ବ୍ଲକ ଘେରାଓ କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ କମିଟି ସଭାପତି ରାମ ପ୍ରସାଦ ମିଶ୍ର ସଭାପତିତ୍ୱ କରିଥିଲେ। ପୁଇଁତଲା ବ୍ଲକ ସମ୍ମୁଖରେ ବ୍ଲକ କଂଗ୍ରେସ କମିଟି ସଭାପତି ଉମାକାନ୍ତ ସାହୁ ସଭାପତିତ୍ୱ କରିଥିଲେ। ସଦର ବ୍ଲକ ଘେରାଓ କାର୍ଯ୍ୟକ୍ରମ ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଘାସିରାମ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରୀଧର ବାରିକ, ସଦର ବିଧାୟକଙ୍କ ବ୍ଲକ ପ୍ରତିନିଧି କିଶୋର ସିଂ ନିନା, ଲୋକନାଥ କୁମୁରା, ଯୁବ କଂଗ୍ରେସ ସଭାପତି ନାସିର ଖାନ ଏବଂ ପୁଇଁତଲା ବ୍ଲକ ଘେରାଓ କାର୍ଯ୍ୟକ୍ରମରେ ଜିଲା କମିଟି ଉପସଭାପତି ସନ୍ତକ ବହିଦାର, ଜିଲା ଏସ୍‌ସି ସେଲ ସଭାପତି ଓମ୍ ପ୍ରକାଶ କୁମ୍ଭାର, ଦଳିତ ନେତା ଜ୍ୟୋତିଷ ମୁଗ୍ରୀ, ସତ୍ୟାନନ୍ଦ ସୁନା, ଶୁଭ୍ରାଂଶୁ ପଣ୍ଡା, ବିରୋଦ ତାଣ୍ଡି, ସରୋଜ ମେଶ୍ରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କୁଶାସନ ଉପରେ କହିଥିଲେ।

## ସଂକ୍ଷେପରେ

### ଶହୀଦ ପରିବାରଙ୍କୁ ୧କୋଟି ସମ୍ମାନ ରାଶି ମିଳୁ

**ଆମ୍ ଆଦ୍‌ମୀ ପାର୍ଟିର ଦାବି**

ବରଗଡ଼, ୧୮।୮ (ପ୍ରେମାନନ୍ଦ ଖମାରୀ)

ବରଗଡ ଜିଲା ଭେଡେନ ବ୍ଲକ ସୁନା ଲରମ୍ଭା ବାଘପାଲି ଗ୍ରାମର ଯବାନ ନୀଳାଚଳ ପଟେଲ ଶହୀଦ ହେବା ଘଟଣା ସାରା ଜିଲାବାସୀଙ୍କୁ ଶୋକାଭିଭୂତ କରିଛି। ୨୦୦୦ରେ ସେ ଆସାମ ରାଇଫଲରେ ଯୋଗଦାନ କରିଥିଲେ। କାର୍ଯ୍ୟରତ ଥିବାବେଳେ ସେ ଗତ ସପ୍ତାହରେ ଶହୀଦ ହୋଇଥିଲେ । ଦେଶ ମାତୃକା ପାଇଁ ନିଜର ଜୀବନ ହରାଇଥିବା ଏହି ଶହୀଦ ଯବାନଙ୍କ ପରିବାରକୁ ୧କୋଟି ସମ୍ମାନ ରାଶି ପ୍ରଦାନ ଓ ପରିବାର ସଦସ୍ୟଙ୍କୁ ସରକାରୀ ଚାକିରି ଦେବାକୁ ଆମ୍ ଆଦ୍‌ମୀ ପାର୍ଟି ଦାବି କରିଛି। ଏହି କ୍ରମରେ ଶୁକ୍ରବାର ଆମ ଆଦମୀ ପାର୍ଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଦାବିପତ୍ର ଦେଇଛି। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଏହି ଦାବିପତ୍ର ଗ୍ରହଣ କରିଥିଲେ। ଦିଲ୍ଲୀ ସରକାର ପ୍ରତ୍ୟେକ ଶହୀଦ ଯବାନଙ୍କ ପରିବାରକୁ ୧କୋଟି ଟଙ୍କା ସମ୍ମାନ ରାଶି ୨୦୧୫ ମସିହାରୁ ଦେଇଆସୁଛି ଓ ପଞ୍ଜାବରେ ଆପ୍ ସରକାର ମଧ୍ୟ ଶହୀଦ ପରିବାରଙ୍କୁ ୧ କୋଟି ଟଙ୍କା ସମ୍ମାନ ରାଶି ଦେଇଆସୁଛି । ତେଣୁ ଓଡିଶା ସରକାର ମଧ୍ୟ ଶହୀଦ ପରିବାରକୁ ୧ କୋଟି ଟଙ୍କା ସମ୍ମାନ ରାଶି ପ୍ରଦାନ କରନ୍ତୁ ବୋଲି ଆପ୍ କାର୍ଯ୍ୟକର୍ତ୍ତାମାନେ ଦାବି କରିଛନ୍ତି। ଦଳର ଜିଲା ଆବାହକ ଭବାନୀ ସାହୁଙ୍କ ସମେତ ବରିଷ୍ଠ ସଦସ୍ୟ ଅମିତା ପାତ୍ର, ସ୍ୱରୂପ ଭୋଇ, ମରିୟମ ବାର୍ଲା, ଅବିନାଶ ବାଗ, ଅସିତ ସାହୁ, ଅଭୟ ସାମଲ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

### କୂଅରେ ଖସି ପଡ଼ି ୨ବର୍ଷ ଶିଶୁ ପୁତ୍ର ମୃତ

ପୁରୁଣାକଟକ, ୧୮।୮ (ସୁକାନ୍ତ ପଟ୍ଟନାୟକ)

ଶୁକ୍ରବାର ଅପରାହ୍ନରେ ବୌଦ୍ଧ ଜିଲା ପୁରୁଣାକଟକ ଥାନା ପିତାମ୍ବରପୁର ଗ୍ରାମରେ କୂଅରେ ଖସି ପଡ଼ି ୨ବର୍ଷର ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଛି । ମୃତକ ହେଲେ ଗ୍ରାମର ଅଭିମନ୍ୟୁ ମହାଲିକଙ୍କ ପୁଅ ନିର୍ମଳ । ବାପା ଅଭିମନ୍ୟୁ ବାହାରକୁ ମୂଲ ଲାଗିବାକୁ ଯାଇଥିବା ବେଳେ ମା’ ଘର କାମରେ ବ୍ୟସ୍ତ ଥିଲେ । ଏହି ସମୟରେ ଘର ଅଗଣାରେ ଖେଳୁଥିବା ନିର୍ମଳ ବାହାରକୁ ଚାଲିଯାଇ ଏକ ଖୋଲାକୂଅରେ ପଡି ଯାଇଥିଲା। କିଛି ସମୟ ପରେ ପରିବାର ଲୋକ ଖୋଜାଖୋଜି କରିବାରୁ ଶିଶୁପୁତ୍ର କୂଅ ଭିତରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ ହେଁ ସମ୍ଭବ ନ ହେବାରୁ ଚାରିଛକ ଦମକଳକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମବାହିନୀ ଶିଶୁକୁ ଉଦ୍ଧାର କରି ପୁରୁଣାକଟକ ମେଡିକାଲ ନେଇଥିଲେ । ସେଠାରେ ଡାକ୍ତର ନିର୍ମଳକୁ ମୃତ ଘୋଷଣା କରିଥିଲେ । ଖବରପାଇ ପୁରୁଣା କଟକ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି । ଏହି ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି ।

### ରକ୍ତଦାନ ଶିବିର, ୪୨ ୟୁନିଟ୍ ସଂଗ୍ରହ

ପଦ୍ମପୁର, ୧୮।୮ (ପ୍ରଦୀପ୍ତ ଦାଶ)

ପଦ୍ମପୁର ମାରୱାଡି ମହିଳା ସମ୍ମେଳନ, ଶୀତଳଷଷ୍ଠୀ କମିଟି ସହଯୋଗ କ୍ରମେ ଶୁକ୍ରବାର ପଦ୍ମପୁର ମାରୱାଡି ଧର୍ମଶାଳାଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି, ପଦ୍ମପୁର ଉପଜିଲାପାଳ ସଦାକାର କୁମ୍ଭାର, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ସେଠ, ପଦ୍ମପୁର ଆଇଆଇସି ମମତା ନାଏକ, ଏନ୍‌ଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ମାରୱାଡି ସମାଜ ସଭାପତି ଅମରଦୀପ ଅଗ୍ରୱାଲ, ସମ୍ପାଦକ ବଜରଙ୍ଗ ଗର୍ଗ, ଖବରଦାତା ରତ୍ନମଣୀ ଶତପଥୀ, ସମାଜସେବୀ ନିରୋଜ ଦୋରା, ଯୁବାମଞ୍ଚ ସଭାପତି ସୋମନାଥ ଅଗ୍ରୱାଲ, ପ୍ରଦୀପ୍ତ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହିଳା ସମ୍ମେଳନ ସଭାନେତ୍ରୀ କ୍ରିଷ୍ଣା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକୁ ଇଶା ଅଗ୍ରୱାଲ,ଏନି ଅଗ୍ରୱାଲ ଓ ସଙ୍ଗୀତା ଅଗ୍ରୱାଲ ପରିଚାଳନା କରିଥିଲେ। ଶୀତଳଷଷ୍ଠୀ କମିଟି କାର୍ଯ୍ୟକାରୀ ସଭାପତି ହରିଶଙ୍କର ଅଗ୍ରୱାଲ, ଅଚ୍ୟୁତାନନ୍ଦ ସେଠ, ଦେବରାଜ ସେଠ, କମଳ ସାହୁ, ନରେଶ ଦାସ, ଶ୍ରୀକାନ୍ତ ବାରିକ, ସଞ୍ଜୀବ ସାହୁ ପ୍ରମୁଖ ସହଯୋଗ କରିଥିଲେ ।



ଭେଡ଼େନ ଏବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।



ବରପାଲି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।



ପାଇକମାଲ କଂଗ୍ରେସ କର୍ମୀମାନେ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

# ବ୍ଲକ ଅଫିସରେ ଗର୍ଜିଲା କଂଗ୍ରେସ

ବରଗଡ଼, ୧୮।୮ (ପ୍ରେମାନନ୍ଦ ଖମାରୀ)

ରାଜ୍ୟ ସରକାର ସବୁକ୍ଷେତ୍ରରେ ବିଫଳ ହୋଇଛନ୍ତି। ବ୍ୟାପକ ପି.ସି କାରବାର, ଆବାସ ଯୋଜନାରେ ଦୁର୍ନୀତି, ଦରଦାମ ବୃଦ୍ଧି, ବେକାରୀ, ନାରୀ ନିର୍ଯ୍ୟାତନା, ଚାଷୀମାରଣ ନୀତି, ଟାଟା କମ୍ପାନୀର ଦାଦାଗିରି ବଢ଼ି ଚାଲିଛି। ଏହାସତ୍ତ୍ୱେ ୨୪ବର୍ଷର ବିଜେଡ଼ି ସରକାର ନିରବ ରହିଛି। ଏଭଳି ଅଭିଯୋଗ କରି ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ଆହ୍ୱାନକ୍ରମେ ଶୁକ୍ରବାର ବରଗଡ଼ ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ ଅଫିସ ଘେରାଉ କରାଯାଇଥିଲା। ଏହା ସହିତ ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଦଳୀୟ ନେତୃବୃନ୍ଦ ଉଦବୋଧନ ଦେଇ ରାଜ୍ୟ ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଥିଲେ। ସେହିପରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଯୁଧିଷ୍ଠିର ମେହେରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବରଗଡ଼ ଲୋକମଣ୍ଡପ ପଡ଼ିଆରୁ ଶତାଧିକ କଂଗ୍ରେସ କର୍ମୀ ଏକ ବିଶାଳ ରାଲିରେ ସହର ପରିକ୍ରମା ସହିତ ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚି




ବରଗଡ଼ରେ କଂଗ୍ରେସ କର୍ମୀଙ୍କ ବିକ୍ଷୋଭ ଶୋଭାଯାତ୍ରା ।

ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପିସିସି ସଭ୍ୟ ନିପନ ଦାଶ, ହରଦୀପ ସିଂ, ଜିଲା ଓବିସି ସେଲ ସଭାପତି ପାଣ୍ଡବ କର୍ଣ୍ଣ, ବ୍ଲକ କଂଗ୍ରେସ ସଭାପତି ଅନନ୍ତ ତାଣ୍ଡି, ଏସସି ସେଲ ସଭାପତି ରଥୀ କୁମ୍ଭାର, ଯୁବ କଂଗ୍ରେସ ସଭାପତି ଅମିତ ଆଚାର୍ଯ୍ୟ ପ୍ରମୁଖଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା, କର୍ମୀ ଉପସ୍ଥିତ ଥିଲେ।

ବରପାଲି(ଚିତ୍ତରଞ୍ଜନ ସାହୁ): ବରଗଡ଼ ଜିଲା ଯୁବ କଂଗ୍ରେସ ସଭାପତି ଅଭିଷେକ ସେଠଙ୍କ ନେତୃତ୍ୱରେ ଶୁକ୍ରବାର ବିଭିନ୍ନ ଦାବି ନେଇ ବରପାଲି ବ୍ଲକ ସମ୍ମୁଖରେ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କାଉନସିଲର ସରୋଜ ଭୋଇ, ବ୍ଲକ କଂଗ୍ରେସ ଫକୀର ପଧାନ, ବରୁଣ ସାଗରଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦାନ କରିଥିଲେ। ପରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

**ପାଇକମାଲ (ବଡ ଶତପଥୀ)**

ପାଇକମାଲ ସ୍ଥିତ ନୃସିଂହନାଥ ଧର୍ମଶାଳାଠାରେ ବରଗଡ ଜିଲା କଂଗ୍ରେସ କମିଟି ଉପସଭାପତି ଟଙ୍କଧର ସାହୁଙ୍କ ନେତୃତ୍ୱ ଓ ବ୍ଲକ କଂଗ୍ରେସ ସଭାପତି ବିଜୟାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପୂର୍ବତନ ବିଧାୟକ ସତ୍ୟ ଭୂଷଣ ସାହୁ,

- ୯ଦଫା ଦାବି ନେଇ ଗର୍ଜିଲେ କଂଗ୍ରେସ କର୍ମୀ
- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ମୁଜାଫର ହୁସେନ, ବିନୋଦ କାଲିଆ, ମନୋଜ ତ୍ରିବେଦୀ, ମହିଳା ସଭାନେତ୍ରୀ ହେମଲତା ପ୍ରଧାନଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ପରେ ସେମାନେ ଏକ ଶୋଭାଯାତ୍ରାରେ ବାହାରି ପାଇକମାଳ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ କରିବା ସହ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

**ପଦ୍ମପୁର, (ପ୍ରଦୀପ୍ତ ଦାଶ)**

ପଦ୍ମପୁର ବ୍ଲକ ସମ୍ମୁଖରେ ବରଗଡ଼ ଜିଲା କଂଗ୍ରେସ କମିଟି ଉପସଭାପତି ଟଙ୍କଧର ସାହୁଙ୍କ ନେତୃତ୍ୱ ଏବଂ ପ୍ରଦୀପ ବେହେରାଙ୍କ ସଭାପତିତ୍ୱରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ଗୌନ୍ତିଆ କୁମାର ସାହୁ, ନେହେରୁ ତ୍ରିପାଠୀ, ସୁନିଲ ଅଗ୍ରୱାଲ, ସନ୍ତୋଷ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

**ଭେଡ଼େନ(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକ କଂଗ୍ରେସ ପକ୍ଷରୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଅତାବିରା ନିର୍ବାଚନ ମଣ୍ଡଳୀ ସଂଯୋଜକ ତଥା ପିସିସି ସଭ୍ୟ ରମେଶ ଚନ୍ଦ୍ର ପଣ୍ଡାଙ୍କ ଆହ୍ୱାନ କ୍ରମେ ଜିଲା ସଭାପତି ନିହାର ରଞ୍ଜନ ମହାନନ୍ଦ, ପ୍ରଦୀପ ଦେବତା ଅତିଥି ଭାବେ ଯୋଗ ଦେଇଥିଲେ। କଂଗ୍ରେସ କର୍ମୀମାନେ ସ୍ଥାନୀୟ କଲ୍ୟାଣ ମଣ୍ଡପରୁ ଏକ ଶୋଭାଯାତ୍ରାରେ ବାହାରି ବସ୍ତି ପରିକ୍ରମା କରି ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚିଥିଲେ ଏବଂ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଭେଡ଼େନ ବିଡ଼ିଓଙ୍କ ଅନୁପସ୍ଥିତିରେ ଏବିଡ଼ିଓ ପ୍ରୀତିଶ ଦୋରାଙ୍କୁ ୯ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦଶରଥ ମେହେର, ଗଣେଶ ପଧାନ, ବିଷ୍ଣୁଭକ୍ତ ସାହୁ, ମାଧବ ସାହୁ, କ୍ଷୀରସିନ୍ଧୁ ଡାଙ୍ଗ, ଦେବରାଜ ଅଦାବର, ଯତିନ୍ଦ୍ର ସାହୁଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦାନ କରିଥିଲେ।

## ରହସ୍ୟଜନକ ଭାବେ ଯୁବକ ନିଖୋଜ



ନିଖୋଜ ଯୁବକ ବି. ହରିକ୍ରିଷ୍ଣା ।



ପୋଲିସ ତଦନ୍ତ କରୁଛି ।

ଅତାବିରା, ୧୮।୮ (ହୃଷିକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ରେଳ ଷ୍ଟେଶନକୁ ନିଜ ସମ୍ପର୍କୀୟଙ୍କୁ ନେବାକୁ ଆସି ଜଣେ ଯୁବକ ରହସ୍ୟଜନକ ଭାବେ ନିଖୋଜ ହୋଇଯିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ନିଖୋଜ ଯୁବକ ଜଣକ ହେଲେ ଭେଡ଼େନ ଥାନା ଦେଶଭଟଲି ପଞ୍ଚାୟତ ବିଶିପାଲି ଆନ୍ଧ୍ରପଡ଼ାର ବିକିନା ଭାସ୍କର ରାଓଙ୍କ ଏକମାତ୍ର ପୁଅ ବି. ହରିକ୍ରିଷ୍ଣା(୩୫)। ପରିବାର ଲୋକେ ଘଟଣା ନେଇ

- ସମ୍ପର୍କୀୟଙ୍କୁ ଘରକୁ ପଠାଇ ନିଖୋଜ
- ବିଲରୁ ମିଳିଲା ବାଇକ୍, ହେଲମେଟ୍
- ଆଜି ଥିଲା ଶିଶୁପୁତ୍ରର ଅନ୍ନପ୍ରାଶନ

ଅତାବିରା ଥାନାରେ ଜଣାଇବା ପରେ ପୋଲିସ ତନାଘନା ଆରମ୍ଭ କରିଛି ।

ଆନ୍ଧ୍ର ପରମ୍ପରା ଅନୁଯାୟୀ, ସ୍ତ୍ରୀ ଗର୍ଭବତୀ ଥିଲେ ଶିଶୁ ଜନ୍ମ ପର୍ଯ୍ୟନ୍ତ ତାଙ୍କ ବାପଘରେ ରହିଥାନ୍ତି। ଏହି କ୍ରମରେ ନିଖୋଜ ଯୁବକଙ୍କ ସ୍ତ୍ରୀ ଆନ୍ଧ୍ର ପ୍ରଦେଶର ବାପଘରେ ରହୁଥିଲେ। ଅନ୍ୟପଟେ ସେ ୫ ମାସ ତଳେ ଶିଶୁପୁତ୍ର ଜନ୍ମ ଦେଇଥିଲେ ଏବଂ ଉଭୟ ସେଠାରେ ରହୁଥିଲେ । ନିଖୋଜ ଯୁବକଙ୍କ ଘରେ ଶନିବାର ଶିଶୁପୁତ୍ରର ଅନ୍ନପ୍ରାଶନ ପାଇଁ ଭୋଜିଥିଲା। ଏହି କ୍ରମରେ ନିଖୋଜ ଯୁବକଙ୍କ ସ୍ତ୍ରୀ ଶିଶୁପୁତ୍ର ଏବଂ ଅନ୍ୟ ସମ୍ପର୍କୀୟଙ୍କୁ ଧରି ଟ୍ରେନ ଯୋଗେ ବିଶିପାଲି ଆନ୍ଧ୍ରପଡ଼ା ଅଭିମୁଖେ ଆସିଥିଲେ। ତାଙ୍କୁ ଆଣିବା ପାଇଁ ହରିକ୍ରିଷ୍ଣା ଗୁରୁବାର ରାତିରେ ଅତାବିରା ରେଳ ଷ୍ଟେଶନକୁ ଯାଇଥିଲେ। ସ୍ତ୍ରୀ, ଶିଶୁପୁତ୍ର ଏବଂ ସମ୍ପର୍କୀୟମାନେ ଟ୍ରେନରୁ ଓହ୍ଲାଇବା ପରେ ସେମାନଙ୍କୁ ଏକ କାର୍ ଯୋଗେ ବସାଇ ହରିକ୍ରିଷ୍ଣା ଅନ୍ୟ ଏକ ବାଇକ୍ ଯୋଗେ ଘର ଅଭିମୁଖେ ବାହାରିଥିଲେ।

କିନ୍ତୁ ସ୍ତ୍ରୀ, ଶିଶୁପୁତ୍ର ଏବଂ ସମ୍ପର୍କୀୟମାନେ କାର୍‌ରେ ଘରେ ପହଞ୍ଚିଥିବା ବେଳେ ହରିକ୍ରିଷ୍ଣା ଆଉ ଘରକୁ ଫେରି ନ ଥିଲେ। ଖୋଜାଖୋଜି କରିବା ସତ୍ତ୍ୱେ ପରିବାର ଲୋକେ ତାଙ୍କ ସନ୍ଧାନ ପାଇ ନ ଥିଲେ ଏବଂ ପୋଲିସକୁ ଜଣାଇଥିଲେ। ଅନ୍ୟପଟେ ଶୁକ୍ରବାର ସକାଳେ ପୋଲିସ ଏକ ବିଲ ଭିତରେ ଏକ ବାଇକ୍ (ନଂ.ଓଡ଼ି୧୭ଟି/୨୨୯୦), ହେଲମେଟ୍ ଏବଂ ରାସ୍ତା ଉପରେ ଚପଲ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାହା ନିଖୋଜ ଯୁବକଙ୍କ ବୋଲି ପରିବାର ଲୋକେ ଚିହ୍ନଟ କରିଥିଲେ। ଅନୁସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ କରିଥିଲା। ସେହିପରି ସେଠାରେ ଏକ ଛୁରି ପଡ଼ିଥିବାରୁ ନିଖୋଜ ଘଟଣାକୁ ନେଇ ନାନା କଳ୍ପନାଜଳ୍ପନା ଚାଲିଛି। ଏ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ଅତାବିରା ଥାନା ଆଇଆଇସି ସୁକୁମାର ତ୍ରିପାଠୀ କହିଛନ୍ତି।

## ପ୍ରଧାନ ଶିକ୍ଷକ ବିଦ୍ୟାଳୟର ମେରୁଦଣ୍ଡ



କାର୍ଯ୍ୟକ୍ରମରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଏବଂ ଅନ୍ୟମାନେ।

ବରଗଡ଼, ୧୮।୮ (ପ୍ରେମାନନ୍ଦ ଖମାରୀ)

ଶିକ୍ଷା ହେଉଛି ସମାଜର ମୂଳପିଣ୍ଡ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ହେଉଛନ୍ତି ସମ୍ପୃକ୍ତ ଶିକ୍ଷା ଅନୁଷ୍ଠାନର ମେରୁଦଣ୍ଡ। ଶୁକ୍ରବାର ବରଗଡ଼ ବ୍ଲକ ବରାହଗୋଡା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଉପଖଣ୍ଡ ସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ସମୀକ୍ଷା ବୈଠକରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ଏହା ମତବ୍ୟକ୍ତ କରିଛନ୍ତି। ଏହା ସହିତ ବିଦ୍ୟାଳୟର ସାମଗ୍ରିକ ବିକାଶରେ ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକଙ୍କ ଭୂମିକା ସମ୍ବନ୍ଧରେ ସେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରି ସ୍କୁଲ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ବିଭିନ୍ନ ଗାଇଡଲାଇନ ସମ୍ବନ୍ଧରେ ଅବଗତ କରାଇଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଜର୍ଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାଶ୍ୱତୀ ଦାଶ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା, ରେମଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯଶୋବନ୍ତ ମେହେର, ବରପାଲି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନାରାୟଣ ଭୁଏ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଉପଖଣ୍ଡର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ବରାହଗୋଡ଼ା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ବିଦ୍ୟାଳୟ ତରଫରୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶିକ୍ଷା କୋଠରି ଉଦ୍‌ଘାଟନ

ବରପାଲି, ୧୮।୮ (ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ବ୍ଲକ କୁଶନପୁରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ଆଧାରିତ ଏକ ଶିକ୍ଷା କୋଠରୀ ଉଦ୍‌ଘାଟନ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଗଗନ ବେହେରା ମୁଖ୍ୟ ଅତିଥି, ଗୋଷ୍ଠୀ ସହ ଶିକ୍ଷାଧିକାରୀ ଦୁର୍ଯ୍ୟୋଧନ ସିଂ, ରତ୍ନ କୁମାର ଭୁଏ, ବରିଷ୍ଠ ପ୍ରଧାନ ଶିକ୍ଷକ ପୁନ୍ଦର ସେଠ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ରୁଘୁବୀର ବେହେରା ଅତିଥିଙ୍କ ସହ ଦୀପ ପ୍ରଜ୍ୱଳନ କରିଥିଲେ। କଦଳୀପାଲି ସିଆର୍‌ସିସି କ୍ଷେତ୍ର ମେହେର ଅତିଥି ପରିଚୟ ଦେଇଥିବାବେଳେ ସିଆର୍‌ସିସି ରବିନାରାୟଣ ମହାପାତ୍ର ମଞ୍ଚ ପରି ଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧୀରପୁର ସିଆର୍‌ସିସି ଲୁପାଞ୍ଜନ ବାରିକ, ନିମାଇଁ ଦାସ, ବିନୟ ଭୋଇ, ମିଥୁନ ସାହୁ, ଉତ୍ତମ ଦେହୁରୀ, ରାଜେନ୍ଦ୍ର ମେହେର, ଶ୍ରୀନିବାସ ପଧାନ, ଆର୍ତ୍ରଟି ମୁକୁନ୍ଦ ମେହେର, ତୁଳାରାମ ସାହୁ ଓ ତେଜଙ୍ଗ କ୍ଲଷ୍ଟର ସିଆର୍‌ସିସି ସଞ୍ଜୟ କୁମାର ସାହୁ ଯୋଗ ଦେଇଥିଲେ। ଶିକ୍ଷକ ସଙ୍କର୍ଷଣ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନାତନ ରଣା ଓ ସମସ୍ତ ସଭ୍ୟାସଭ୍ୟ ସହଯୋଗ କରିଥିଲେ। କ୍ଲଷ୍ଟର ସିଆର୍‌ସିସି କ୍ଷେତ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## ସମୂହ ଛୁଟିରେ ପିଇଓ, ଧାରଣା ଆରମ୍ଭ

ବରଗଡ଼, ୧୮।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ମାନେ ୨ଦଫା ଦାବିରେ ଶୁକ୍ରବାରଠାରୁ ସମୂହ ଛୁଟିରେ ରହି ଜିଲାପାଳଙ୍କ ଅଫିସ ଆଗରେ ଧାରଣାକୁ ଓହ୍ଲାଇଛନ୍ତି। ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ଆହ୍ୱାନ କ୍ରମେ ସେମାନେ ଏଭଳି ଆନ୍ଦୋଳନ କରିଛନ୍ତି। ପିଇଓଙ୍କ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ଯୁକ୍ତ ୩କୁ ପରିବର୍ତ୍ତନ କରିବା ସହିତ ମାସିକ ଦରମା ୨୧ହଜାର ୭୦୦ (ପେ ଲେଭେଲ-୫)ରୁ ୩୫ହଜାର ୪୦୦ଟଙ୍କାକୁ ବୃଦ୍ଧି (ପେ ଲେଭେଲ-୯)କୁ ବୃଦ୍ଧି କରିବାକୁ ଦାବି ହୋଇଛି। ଏହି ୨ଦାବି ନେଇ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବାରୁ ସେମାନେ ସମୂହ ଛୁଟି ନେଇ ଧାରଣାକୁ ଓହ୍ଲାଇବା ପାଇଁ ବାଧ୍ୟ ହୋଇଥିବା ପିଇଓ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ପିଇଓଙ୍କ ଏଭଳି ଆନ୍ଦୋଳନ ଯୋଗୁ ପଞ୍ଚାୟତ କାର୍ଯ୍ୟଗୁଡ଼ିକ ବନ୍ଦ ପଡ଼ିଯାଇଛି ।



ଧାରଣାରେ ସାମିଲ ପିଇଓମାନେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ପ୍ରକାଶ ଯେ, ପଞ୍ଚାୟତିରାଜ ବ୍ୟବସ୍ଥାରେ ପିଇଓଙ୍କ ପ୍ରମୁଖ ଦାୟିତ୍ୱ, କର୍ତ୍ତବ୍ୟ ରହିଛି। ଏହି ବ୍ୟବସ୍ଥାର ପ୍ରଥମ ସ୍ତମ୍ଭ ଗ୍ରାମପଞ୍ଚାୟତରେ କାର୍ଯ୍ୟ କରି ସେମାନେ ସରକାରଙ୍କ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଗୃହ ନିର୍ମାଣ ଯୋଜନା, ସାଧାରଣ ବଣ୍ଟନ ବ୍ୟବସ୍ଥା, ସାମାଜିକ ସହାୟତା କାର୍ଯ୍ୟକ୍ରମ, ଗ୍ରାମ ପଞ୍ଚାୟତ ଉନ୍ନୟନ କାର୍ଯ୍ୟକ୍ରମ(ଜିପିଡିପି), ପାନୀୟଜଳ ଯୋଗାଣ, ହରିଶ୍ଚନ୍ଦ୍ର ସହାୟତା ଯୋଜନା, ଜିଜିୱାଇ, ସିସି ରୋଡ୍ ଆଦି ବିକାଶମୂଳକ ଯୋଜନାରେ କାମ ଠିକ୍ ଭାବେ ସମ୍ପାଦନ କରିଆସୁଛନ୍ତି। ଏହାସତ୍ତ୍ୱେ ସେମାନଙ୍କ ଦାବି ରାଜ୍ୟ ସରକାର ପୂରଣ କରୁ ନ ଥିବା ପିଇଓ ସଂଘ ଅଭିଯୋଗ କରିଛି । ଏହି କ୍ରମରେ ଜିଲାର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ୧୨୫ ପିଇଓ ଏକ ବିଶାଳ

- ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଲେ
- ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ

ରାଲିରେ ବାହାରି ଜିଲାପାଳଙ୍କ ଅଫିସକୁ ଆସିଥିଲେ। ଅତିରିକ୍ତ ଜିଲାପଳ ମିର୍ଦ୍ଧା ଟପ୍ପୋଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଜିଲାପାଳଙ୍କ ଅଫିସ ଆଗରେ ସେମାନେ ଧାରଣାରେ ବସିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସମୂହ ଛୁଟିରେ ରହି ସବୁଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସେମାନେ ଧାରଣାରେ ବସିବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସଂଘର ବରଗଡ଼ ଜିଲା ଶାଖା ସଭାପତି ଲଳିତ ମୋହନ ଭୋସାଗର, ସମ୍ପାଦକ ଉମେଶ କୁମାର ସେଠ ପ୍ରମୁଖ ଏହାର ନେତୃତ୍ୱ ନେଉଛନ୍ତି ।



**ସଂକ୍ଷେପରେ**

## ବାଇକ୍‌କୁ ଧକ୍କା ଦେଲା କାର୍, ଥାନାରେ ଏତଲା

**ରାଉରକେଲା,୧୮।୮(ସଙ୍ଗୀତା ଜେନା):** ଜଗଦା ଏସ୍‌ବିଆଇ ସମ୍ମୁଖରେ ଶୁକ୍ରବାର ପୂର୍ବାହ୍ନରେ ଜଣେ ବ୍ୟକ୍ତି ବାଇକ ରଖି ବ୍ୟାଙ୍କକୁ ଯାଇଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଏକ କାର୍‌ରେ ଆସି ବାଇକ୍ ରାସ୍ତାରେ କ'ଣ ପାଇଁ ରଖାଯାଇଛି କହି ଧକ୍କା ଦେଇଥିଲେ। ଫଳରେ ବାଇକ୍‌ଟି ନଷ୍ଟ ହୋଇଯାଇଥିଲା। ଏ ନେଇ ବାଇକ ମାଲିକ ସୀତାରାମ ଟପ୍ପୋ ଝିରପାଣି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୭୩/୨୩) ରୁଜୁ କରି ତଦନ୍ତ କରୁଛି।

## ବନ୍ଧମୁଣ୍ଡାରୁ ୪ ଜୁଆଡି ଗିରଫ

**ରାଉରକେଲା,୧୮।୮(ସଙ୍ଗୀତା ଜେନା):** ଗୁରୁବାର ବିଳମ୍ବିତ ରାତିରେ ବନ୍ଧମୁଣ୍ଡା ଥାନା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବି ସେକ୍ଟର ନିକଟରୁ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରୋହିତ ଭଗତ, ପ୍ରିନ୍ସ ସାହୁ, ରୋଶନ ଏକ୍କା ଏବଂ କରନ ମହତୋ। ସେମାନଙ୍କ ନିକଟରୁ ୧୩ ହଜାର ଟଙ୍କା, ୩୦ଟି ଜୁଆ ଖାତା, କଲମ, କାଲକୁଲେଟର ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୨୭।୨୩) ରୁଜୁ କରି ସମସ୍ତଙ୍କୁ ନୋଟିସ ଦେଇ ଛାଡି ଦେଇଛି।

## ଦେଶୀ ମଦ ଜବତ, ୨ ଗିରଫ

**ରାଉରକେଲା,୧୮।୮(ସଙ୍ଗୀତା ଜେନା):** ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ଛେଣ୍ଡ ଓ ସେକ୍ଟର-୩ ଅଞ୍ଚଳରେ ପାଟ୍ରୋଲିଂ ବେଳେ ଭିନ୍ନ ଭିନ୍ନ ସ୍ଥାନରୁ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସେକ୍ଟର-୨ ଅଞ୍ଚଳର ରାଜମୋହନ ବଡ଼ାଇକ ଓ ଛେଣ୍ଡ ଅଞ୍ଚଳର ମୋଟୁ ଟପ୍ପୋ। ସେମାନଙ୍କଠାରୁ ୭୦ ଲିଟର ଦେଶୀ ମଦ ଓ ଏକ ସ୍କୁଟି ଜବତ ହୋଇଛି। ଏ ନେଇ ବିଭାଗ ପକ୍ଷରୁ ଦୁଇଟି ପୃଥକ୍ ମାମଲା (ନଂ.୧୮୩।୨୩ ଓ ନଂ.୧୮୪।୨୩) ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

## ୨ ଟ୍ରଲର ମଝିରେ ଫସିଲା କାର୍



**ବେଦବ୍ୟାସ,୧୮।୮(ଆଲୋକ ସ୍ୱାଇଁ):** ରାଉରକେଲାରେ ୨ଟି ଟ୍ରଲର ମଧ୍ୟରେ ଶୁକ୍ରବାର ମଧ୍ୟାହ୍ନରେ ଗୋଟିଏ କାର୍ ଫସି ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ତେବେ କାର୍‌ରେ ବସିଥିବା ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନାଯୋଗ୍ୟ, ବ୍ରାହ୍ମଣୀତରଙ୍ଗ ଥାନା ସମ୍ମୁଖ ହନୁମାନ ମନ୍ଦିର ନିକଟରେ ଛିଡ଼ା ହୋଇଥିବା ଟ୍ରଲର (ନଂ.ଓଡ଼ି୧୬କେ/୨୩୬୫) ସୁନ୍ଦରଗଡ଼ ପଟରୁ ଆସୁଥିବା କାର୍ (ନଂ.ଓଡ଼ି୧୪ୟୁ/୭୨୩୨)କୁ ଧକ୍କା ଦେଇ ଅନ୍ୟ ପାର୍ଶ୍ୱରେ ଛିଡ଼ା ହୋଇଥିବା ଟ୍ରଲର ମଧ୍ୟରେ ଫସି ରହିଥିଲା। ପୋଲିସ ସବୁ ଗାଡିକୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ସ' ମିଲ ଛକରୁ ବେଦବ୍ୟାସ ଟିସିଆଇ ଛକ ପର୍ଯ୍ୟନ୍ତ ଗହଳି ରହୁଛି।



ଦୁର୍ଗାପୁର-୩ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପଡିଥିବାରୁ ଶିଶୁମାନେ ମାଲଗୋଦାମ ଅଙ୍ଗନୱାଡି କେନ୍ଦ୍ର-୧ର ଶିଶୁମାନଙ୍କ ସହ ପଢୁଛନ୍ତି।

# ଭଡ଼ା ନ ଦେବାରୁ କେନ୍ଦ୍ରରେ ତାଲା

**ସହରାଞ୍ଚଳ ଅଙ୍ଗନୱାଡି କେନ୍ଦ୍ର**

**ରାଉରକେଲା,୧୮।୮(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରାଞ୍ଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଭିତ୍ତିଭୂମି ଅଭାବ ରହିଛି। ଫଳରେ ସରକାରଙ୍କ ଲକ୍ଷ୍ୟ ସାଧନ ହୋଇପାରୁନାହିଁ। ରାଉରକେଲା ସହରରେ ମୋଟ ୧୬୦ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିମଧ୍ୟରୁ ୧୦୭ଟି କେନ୍ଦ୍ର ଭଡାଘରେ ଚାଲିଥିବା ବେଳେ ୩୧ଟି କେନ୍ଦ୍ର କମ୍ୟୁନିଟି ସେଣ୍ଟରରେ ଚାଲିଛି। ୨୨ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ରହିଛି। ଅନ୍ୟପଟେ ଭଡାରେ ଚାଲିଥିବା କିଛି ଅଙ୍ଗନୱାଡି କେନ୍ଦ୍ରର ଭଡା ରାଶି ବିଭାଗ ପକ୍ଷରୁ ପୈଠ ନ ହେବାରୁ ଘର ମାଲିକ କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି। ଫଳରେ ଉକ୍ତ କେନ୍ଦ୍ରର ଶିଶୁମାନେ ଅନ୍ୟ ଏକ କେନ୍ଦ୍ରରେ ପଢୁଛନ୍ତି। ଦୁର୍ଗାପୁର-୩ ଅଙ୍ଗନୱାଡି କେନ୍ଦ୍ରରେ ଏଭଳି ଦେଖିବାକୁ ମିଳିଛି।

ଦୀର୍ଘବର୍ଷ ହେଲା ଦୁର୍ଗାପୁର-୩ ଅଙ୍ଗନୱାଡି କେନ୍ଦ୍ର ଭଡାସୂତ୍ରରେ ଚାଲିଆସୁଛି। ବାରମ୍ବାର ଦାବି ସତ୍ତ୍ୱେ ନିଜସ୍ୱ କେନ୍ଦ୍ର ନିର୍ମାଣ ହେଉନାହିଁ। ସେହିପରି ୨ମାସ ହେଲା ଭଡାରାଶି ପୈଠ ହୋଇ ନ ଥିବାରୁ ଘର ମାଲିକ ତାଲା ପକାଇ ଦେଇଛନ୍ତି। ଫଳରେ ଏହି କେନ୍ଦ୍ରର ୧୫ଜଣ ଶିଶୁ ମାଲଗୋଦାମ ଅଙ୍ଗନୱାଡି କେନ୍ଦ୍ର-୧ରେ ପଢୁଛନ୍ତି ବୋଲି ଦୁର୍ଗାପୁର-୩ ଅଙ୍ଗନୱାଡି କର୍ମୀ ସୁମିତ୍ରା ତିର୍କୀ କହିଛନ୍ତି। ଅନ୍ୟପକ୍ଷେ ମାଲଗୋଦାମ ଅଙ୍ଗନୱାଡି କେନ୍ଦ୍ର-୧ର ଅବସ୍ଥା ଦୟନୀୟ ହୋଇପଡିଛି। ଏହି କେନ୍ଦ୍ରରେ ମୋଟ ୨୫ଜଣ ଶିଶୁ ପଢୁଛନ୍ତି। ୨୦୦୮ରେ ୩ଲକ୍ଷ ଟଙ୍କା ବ୍ୟୟରେ ଏଠାରେ ଘର ନିର୍ମାଣ ହୋଇଥିଲେ ମଧ୍ୟ ମରାମତି ଅଭାବରୁ ଏବେ ତାହା ଜରାଜୀର୍ଣ୍ଣ ହୋଇପଡିଛି। ବର୍ଷା ହେଲେ ଛାତରୁ ପାଣି ଝରୁଛି। ଶୌଚାଳୟ ନାହିଁ କି ପାଚେରି ନିର୍ମାଣ ହୋଇନାହିଁ। ୧୦ବର୍ଷ ତଳେ ପାନୀୟ ଜଳ ପାଇଁ ଏକ ପାଣି ଟାଙ୍କି ବସାଯାଇଛି। ମାତ୍ର ଏଯାଏ ଟାଙ୍କିରୁ ପାନୀୟ ଜଳ ଉପଲବ୍ଧ ହୋଇପାରିନି ବୋଲି ମାଲଗୋଦାମ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ପୁଷ୍ପାଞ୍ଜଳି ତିଓ ଏବଂ ସହାୟିକା ଅହଲ୍ୟା ବିଶୋୟୀ କହିଛନ୍ତି। ଏ ନେଇ ରାଉରକେଲା ସିଡିପିଓ ଦର୍ଶନୀ ଏକ୍କାଙ୍କୁ ପଚାରିବାରୁ ସେ କହିଲେ, ମାଲଗୋଦାମ ଏବଂ ଦୁର୍ଗାପୁର ଅଙ୍ଗନୱାଡି କେନ୍ଦ୍ର ସମସ୍ୟାର ସମାଧାନ ଦିଗରେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଇବି। ୧୩୮ ଅଙ୍ଗନୱାଡି କେନ୍ଦ୍ରର ବିଷୟରେ ମଧ୍ୟ ଜଣାଇସାରିଛି। ଖୁବଶୀଘ୍ର ସହରାଞ୍ଚଳରେ ୨୨ଟି ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହେବ। ଏଥିପାଇଁ ଜମି ଚିହ୍ନଟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇସାରିଛି ବୋଲି। ଅସଜଡା କେନ୍ଦ୍ରମାନଙ୍କ ମରାମତି କାର୍ଯ୍ୟ ମଧ୍ୟ ତୁରନ୍ତ କରାଯିବ ବୋଲି ଏକ୍କା କହିଥିଲେ।

## ହଟ୍ ଷ୍ଟ୍ରିପ୍ ମିଲ୍‌କୁ ସୃଜନୀ ରୋଲିଂ ଟ୍ରଫି

**ରାଉରକେଲା,୧୮।୮(ବିପ୍ଳବ ରଞ୍ଜନ ଦାଶ)** ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଆର୍‌ଏସ୍‌ପିର ହଟ୍ ଷ୍ଟ୍ରିପ୍ ମିଲ୍-୧ ଓ ୨ ଶ୍ରେଷ୍ଠ ବିଭାଗ ଭାବେ ସୃଜନୀ ରୋଲିଂ ଟ୍ରଫି ହାସଲ କରିଛି। ସିଭିକ ସେଣ୍ଟରଠାରେ ଆୟୋଜିତ ସମ୍ମାନ ସମାରୋହରେ ଆର୍‌ଏସ୍‌ପି ଓ ବିଏସ୍‌ଏଲ୍‌ର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ହଟ୍ ଷ୍ଟ୍ରିପ୍ ମିଲ-୨ ବିଭାଗର ସିଜିଏମ୍ ଆର୍. କେ. ମୁଦୁଲି ଏବଂ ତାଙ୍କ ବିଭାଗୀୟ ଦଳମାନଙ୍କୁ ଏହି ଟ୍ରଫି ପ୍ରଦାନ କରିଥିଲେ। କାରଖାନାର ବିଭିନ୍ନ ବିଭାଗ ଓ କର୍ମଚାରୀମାନଙ୍କୁ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ସୃଜନୀ ପୁରସ୍କାର ଯୋଜନା ଅଧୀନରେ ଉତ୍କର୍ଷତା ହାସଲ ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଶ୍ରେଷ୍ଠ ବିଭାଗ ଭାବେ ନୂତନ ପ୍ଲେଟ ମିଲ ବିଭାଗ ସୃଜନୀ ରୋଲିଂ ଟ୍ରଫି ଲାଭ କରିଥିଲା। ବିଭାଗ ତରଫରୁ ଏନପିଏମ ଓ ଏସପିପି ବିଭାଗର ସିଜିଏମ କାର୍ତ୍ତିକ ବେହେରାଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀ ପୁରସ୍କାର ଗ୍ରହଣ କରିଥିଲେ। ଏହି ବର୍ଗରେ ତୃତୀୟ ଶ୍ରେଷ୍ଠ ବିଭାଗ ଭାବେ ଶପ୍‌ସ ବିଭାଗ ତରଫରୁ ଡିଜାଇନ ଏବଂ ଶପ୍‌ସ ବିଭାଗର ସିଜିଏମ ରବି ରଞ୍ଜନଙ୍କ ନେତୃତ୍ୱରେ ବିଭାଗୀୟ ଦଳ ପୁରସ୍କାର ଗ୍ରହଣ କରିଥିଲେ। ସୃଜନୀ ପୁରସ୍କାର ଯୋଜନା ଅନ୍ତର୍ଗତ ସିଣ୍ଟରିଂ ପ୍ଲାଣ୍ଟ-୨ ବିଭାଗରେ ଏମ୍‌ଓଏମ୍‌ଟି ନଳିନୀକାନ୍ତ ପଣ୍ଡାଙ୍କୁ ସର୍ବାଧିକ ସଂଖ୍ୟକ କାର୍ଯ୍ୟକାରୀ ପରାମର୍ଶ ପାଇଁ ଡ. ବି. ଆର ଆମ୍ବେଡକର ଶ୍ରେଷ୍ଠ ପରାମର୍ଶଦାତା ପୁରସ୍କାର ଦିଆଯାଇଥିଲା। ଏହି ଯୋଜନାରେ ୬ ଜଣ କର୍ମଚାରୀ ଦ୍ୱିତୀୟ ପୁରସ୍କାର ଲାଭ କରିଥିଲେ।

## ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ତାଲିମ ଶିବିର



ଉଦିତନଗର ହାଇସ୍କୁଲରେ ଭୋଟର ତାଲିକା ସଂଶୋଧନ ତାଲିମ ଶିବିର ଚାଲିଛି।

**ରାଉରକେଲା,୧୮।୮(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଆଇଟିଡିଏ ହଲ ଓ ଉଦିତନଗର ସରକାରୀ ହାଇସ୍କୁଲ ସଭାଗୃହରେ ଉପଜିଲାପାଳ ଅଭିମନ୍ୟୁ ମାଝୀଙ୍କ ଅଧ୍ୟକ୍ଷତାରେ ନିର୍ଭୁଲ ଭୋଟର ତାଲିକା ସଂଶୋଧନ ପୁନଃ ସମୀକ୍ଷା ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରାଉରକେଲା ଓ ରଘୁନାଥପାଲି ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜରଙ୍କୁ ଭୋଟ ତାଲିକା ସଂଶୋଧନ ସହିତ ଯୁବ ମତଦାତା ଚୟନ ତାଲିମ ଦିଆଯାଇଥିଲା। ରଘୁନାଥପାଲି ପାଇଁ ୧୯୩ଜଣ ବିଏଲ୍‌ଓ ଓ ୧୭ଜଣ ସୁପରଭାଇଜର ଏବଂ ରାଉରକେଲା ପାଇଁ ୧୯୭ଜଣ ବିଏଲ୍‌ଓ ଓ ୧୯ଜଣ ସୁପରଭାଇଜର ତାଲିମ ନେଇଥିଲେ। ଉପଜିଲାପାଳ ମାଝୀ ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ-୨୦୨୪ ତଥା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଅଗଷ୍ଟ ୨୧ ତାରିଖ ମଧ୍ୟରେ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ପାଇଁ ଆହ୍ୱାନ ଦେଇଥିଲେ। ଶିବିରରେ ପାନପୋଷ ଅତିରିକ୍ତ ଉପଜିଲାପାଳ ସରୋଜିନୀ ପ୍ରସନ୍ନ କୁଲୁ, ସହକାରୀ ଜିଲାପାଳ ଗୋପବନ୍ଧୁ ନାଇକ, ରାଉରକେଲା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ବରିଷ୍ଠ ରାଜସ୍ୱ ସହକାରୀ ବେଦ ପ୍ରକାଶ ପଶାୟତ, ରଞ୍ଜନ କୁମାର ସେଠୀ ଓ ହାସିମ ଖାନ ଉପସ୍ଥିତ ଥିଲେ।

# ମରଣଯନ୍ତା ପାଲଟିଛି ଶଙ୍ଖ ବ୍ରିଜ୍

- ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଛି ଫାଟ
- ଖାଲଖମା ଯୋଗୁ ବଢୁଛି ଦୁର୍ଘଟଣା

**ରାଉରକେଲା,୧୮।୮(ଦିନେଶ ମିଶ୍ର)**



ବ୍ରିଜ୍ ଉପରେ ଖାଲଖମା ଯୋଗୁ ଦୁର୍ଘଟଣା।

ଓଡିଶା ଓ ଝାଡ଼ଖଣ୍ଡର ଲାଇଫ ଲାଇନ କୁହାଯାଉଥିବା ଶଙ୍ଖ ବ୍ରିଜ୍ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ଏହି ବ୍ରିଜ୍‌ର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେବା ଯୋଗୁ ବିପଦସଙ୍କୁଳ ଅବସ୍ଥାରେ ଲୋକେ ଯାତାୟାତ କରୁଛନ୍ତି। ବ୍ରିଜ୍‌ର ଅନେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ବର୍ଷାପାଣି ଜମି ରହିବା ଦ୍ୱାରା ଯାତାୟାତରେ ସମସ୍ୟା ଏବଂ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଶୁକ୍ରବାର ସକାଳ ସାଢେ ୮ଟାରେ ଏହି ବ୍ରିଜ୍ ଉପରେ ଜଣେ ବାଇକ ଆରୋହୀ ଏହି ଗର୍ତ୍ତରେ ପଡି ଯାଇଥିଲେ। ଫଳରେ କିଛି ସମୟ ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା। ପରେ ଟ୍ରାଫିକ ପୋଲିସ ସହାୟତାରେ ଭିଡ ନିୟନ୍ତ୍ରଣ କରାଯାଇଥିଲା। ବାରମ୍ବାର ଏଭଳି ପରିସ୍ଥିତି ଦେଖିବାକୁ ମିଳୁଥିଲେ ସୁଦ୍ଧା ବିଭାଗ ଏ ନେଇ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ନେଉନାହିଁ।

ବ୍ରିଜ୍‌ର ବିଭିନ୍ନ ସ୍ଥାନରେ ପିଚୁ ବାହାରି ଯାଇଥିବାବେଳେ ଲୁହା ରଡ୍ ଦେଖାଗଲାଣି। ବ୍ରିଜ୍ ଉପରେ ଲୁହା ରଡ୍‌ଗୁଡିକ ଗାଡ଼ି ଚକରେ ପଶି ଯାଉଛି। ଏହି ବ୍ରିଜ ଦେଇ କୁତ୍ରା, ଦଲକି, ସଲଙ୍ଗାବାହାଲ, ରାୟବଗା, ଜାମବାହାଲ, ମଜାପଡା ଆଦି ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଚାଷୀମାନେ ରାଉରକେଲା ଯାଆସ କରିଥାନ୍ତି। ଏ ନେଇ ସ୍ଥାନୀୟ ସମାଜସେବୀ ରାମଚନ୍ଦ୍ର ଅମାତ କହିଛନ୍ତି, ଏହି ବ୍ରିଜ୍‌ର ଅଧିକାଂଶ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଏହି ବ୍ରିଜ୍ ଉପରେ ବିଭିନ୍ନ ସମୟରେ ଦୁର୍ଘଟଣା ହେଉଛି। ବ୍ରିଜ୍‌ଟି ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଏହାକୁ ତୁରନ୍ତ ମରାମତି କରାଯିବା ଦରକାର। ସେହିପରି ଚିତ୍ତରଞ୍ଜନ ସୁବୁଦ୍ଧି କୁହନ୍ତି, ଏହି ବ୍ରିଜ୍ ନିର୍ମାଣ ଦିନରୁ ଆଜିଯାଏ କୌଣସି ମରାମତି ହୋଇନାହିଁ। ସ୍ଥାନୀୟ ପ୍ରଶାସନ ଏହି ବ୍ରିଜ୍ ମରାମତି କଲେ ବହୁ ଲୋକ ଉପକୃତ ହୁଅନ୍ତେ। ଏ ସମ୍ପର୍କରେ ଏଡିଏମ ଡ. ଶୁଭଙ୍କର ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଶଙ୍ଖ ନଦୀ ବ୍ରିଜ୍ ଉପରେ ଉପୁଜୁଥିବା ସମସ୍ୟାକୁ ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଆଗାମୀ ଦିନରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରି ସମସ୍ୟା ଦେଖିବା ପରେ ୭ ଦିନ ଭିତରେ ମରାମତି କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମହାପାତ୍ର କହିଥିଲେ।

## ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

**ଅନ୍ତ୍ୟେଷ୍ଟି କ୍ରିୟା ବେଳେ ଅଘଟଣ**

**ରାଉରକେଲା,୧୮।୮(ସଙ୍ଗୀତା ଜେନା)**

ଗତ ବୁଧବାର ରାଉରକେଲା ଉମା ଟକିଜ ନିକଟରେ ଜଣେ ବ୍ୟକ୍ତିଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ଯୋଗ ଦେବାକୁ ଯାଇଥିବା ରେଳବାଇ କଲୋନୀର ଜଣେ ଯୁବକ ବେଦବ୍ୟାସ ସ୍ଥିତ ବ୍ରାହ୍ମଣୀ ନଦୀରେ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଥିଲେ। ଅଗ୍ନିଶମ ବିଭାଗ ବହୁ ଖୋଜାଖୋଜି ପରେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଶୁକ୍ରବାର ମଧ୍ୟାହ୍ନ ସମୟରେ ଅଗ୍ନିଶମ ଓ ଓଡ୍ରାଫ ଟିମ୍ ଉକ୍ତ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ପିଣ୍ଟି ବାସୁରୀ(୩୬)। ବ୍ରାହ୍ମଣୀ ତରଙ୍ଗ ଥାନା ପୋଲିସ ମୃତଦେହ ଜବତ କରି ଆର୍‌ଜିଏଚ୍ ମର୍ଗ ହାଉସରେ ରଖିଛି। ତେବେ ମୃତକଙ୍କ ପରିବାରବର୍ଗଙ୍କ ପକ୍ଷରୁ ଥାନାରେ କୌଣସି ଲିଖିତ ଏତଲା ହୋଇ ନ ଥିବା ପୋଲିସ ସୂଚନା ଦେଇଛି।

## କାମ କରୁନି ଟ୍ରାଫିକ ସିଗ୍‌ନାଲ



**ରାଉରକେଲା,୧୮।୮(ସଙ୍ଗୀତା ଜେନା)**

ଇସ୍ପାତ ସହରର ସେକ୍ଟର-୨୧ ଟ୍ରାଫିକ ପୋଷ୍ଟକୁ ୪୮ ଘଣ୍ଟା ହେଲା ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ଫଳରେ ଗୁରୁବାର ଇନଭର୍ଟରରେ ସିଗ୍‌ନାଲ ପରିଚାଳନା ହୋଇଥିବା ବେଳେ ଶୁକ୍ରବାର ତାହା ସମ୍ଭବ ହୋଇପାରି ନ ଥିଲା। ପ୍ରବଳ ବର୍ଷାରେ ପୋଲିସ ପାଳି କରି ଟ୍ରାଫିକ ପୋଷ୍ଟ ପରିଚାଳନା କରୁଥିବା ସେମାନେ କହିଛନ୍ତି। ଏ ନେଇ ଟ୍ରାଫିକ ବିଭାଗର ଭାରପ୍ରାପ୍ତ ଅଧିକାରୀ ପି. କେ. ସାହୁ କହିଛନ୍ତି, କାର୍ଯ୍ୟାଳୟ ଓ ପୋଷ୍ଟକୁ ଆସୁଥିବା ବିଦ୍ୟୁତ୍ ଫେଜ୍ କଟିଯିବାରୁ ଏଭଳି ପରିସ୍ଥିତି ଉପୁଜିଛି। ଏହାକୁ ତୁରନ୍ତ ମରାମତି କରିବାକୁ କୁହାଯାଇଛି ବୋଲି ସାହୁ କହିଛନ୍ତି।

# ନବ ବିବାହିତାଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ଅଭିଯୋଗ

**ରାଉରକେଲା,୧୮।୮(ସଙ୍ଗୀତା ଜେନା)**

ବିବାହର ୭ ମାସ ନ ପୂରୁଣୁ ଆତ୍ମହତ୍ୟା କଲେ ନବବଧୂ। ଶ୍ୱଶୁର ଘରୁ ଉଦ୍ଧାର ହେଲା ଝୁଲନ୍ତା ମୃତଦେହ। ମୃତ୍ୟୁ ପୂର୍ବରୁ ବଧୂ ଜଣଙ୍କ ତାଙ୍କ ସ୍ୱାମୀ ଓ ମା'ଙ୍କ ଘର ସହ ଟେଲିଫୋନ ଯୋଗେ କଥାବାର୍ତ୍ତା ହୋଇଥିଲେ। ହେଲେ ଶୁକ୍ରବାର ସକାଳୁ ତାଙ୍କ ଶୋଇବା ଘର ଫ୍ୟାନରେ ଚୁନି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ଏପରି ଘଟଣା ଘଟିଛି ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୪ ଡି/୧୮ କ୍ୱାର୍ଟରରେ। ଘଟଣାସ୍ଥଳରେ ପୋଲିସ ମାଜିଷ୍ଟ୍ରେଟ ଏ. ପି. ବଳଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତା ମହିଳା ହେଲେ ଦେବଗଡ଼ ଜିଲା ରିଆମାଳ ଅଞ୍ଚଳର ମମତା ମହାପାତ୍ର(୨୫)। ଏ ନେଇ ପୋଲିସ ଏକ ମାମଲା (ନଂ.୯୭/୨୩) ରୁଜୁ କରି ତଦନ୍ତ କରୁଛି। ଅନ୍ୟପକ୍ଷେ ମମତାଙ୍କୁ ମାରି ଦିଆଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ପୋଲିସ ସୂଚନା ଅନୁସାରେ, ସେକ୍ଟର-୪ ଡି/୧୮ କ୍ୱାର୍ଟରରେ ମମତା ସ୍ୱାମୀ ବିଶ୍ୱଜିତ ମହାପାତ୍ର, ଶ୍ୱଶୁର, ଶାଶୁଙ୍କ ସହ ରହୁଥିଲେ। ବିଶ୍ୱଜିତ ପୂର୍ବରୁ ବଲାଣିରେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ବଦଳି ଜଗଦଲପୁରକୁ ହୋଇଥିଲା। ଫଳରେ ବିଶ୍ୱଜିତ ମମତାଙ୍କୁ ରାଉରକେଲାରେ ପ୍ରାୟ ୧୦ ଦିନ ତଳେ ଛାଡ଼ି କାର୍ଯ୍ୟସ୍ଥଳକୁ ଚାଲିଯାଇଥିଲେ। ଗୁରୁବାର ସନ୍ଧ୍ୟାରେ ମମତା ପ୍ରଥମେ ସ୍ୱାମୀଙ୍କୁ ଫୋନ କରି ଘରେ ଶାଶୁ ଓ ନଣନ୍ଦ ହଇରାଣ କରୁଥିବା କହିଥିଲେ। ପରେ ସେ ନିଜ ମା'ଙ୍କୁ ଫୋନ୍ କରି ସମାନ ଅଭିଯୋଗ କରିଥିଲେ। ତେବେ ଶୁକ୍ରବାର ଏହାର ସମାଧାନ କରିବେ ବୋଲି ମମତାଙ୍କୁ ବୁଝାଇଥିଲେ। ଶୁକ୍ରବାର ସକାଳେ ମମତାଙ୍କ ଶ୍ୱଶୁର ଘରେ ଝିଅ କବାଟ ଖୋଲୁନାହିଁ ବୋଲି ତାଙ୍କ ମାତାପିତାଙ୍କୁ ଫୋନ ଯୋଗେ କହିଥିଲେ। ଘଟଣାସ୍ଥଳରେ ମମତାଙ୍କ ପରିବାରଲୋକେ ପହଞ୍ଚି ତାଙ୍କୁ ମୃତ ଅବସ୍ଥାରେ ଦେଖିଥିଲେ। ତେବେ ମମତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପିତା ରବି ମହାପାତ୍ର ଓ ଭାଇ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି।



ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ତଦନ୍ତ କରୁଛି।

# ରୋଗୀଙ୍କୁ ଅପହଞ୍ଚ ଚିକିତ୍ସା ସେବା

**ରାଉରକେଲା ଇଏସ୍‌ଆଇ ମଡେଲ ହସ୍ପିଟାଲ**

**ରାଉରକେଲା,୧୮।୮(ବିପ୍ଳବ ରଞ୍ଜନ ଦାଶ)**




ରାଉରକେଲା ଇଏସ୍‌ଆଇ ହସ୍ପିଟାଲ ।

କେନ୍ଦ୍ର ଶ୍ରମ ଓ ରୋଜଗାର ମନ୍ତ୍ରଣାଳ ପକ୍ଷରୁ ରାଉରକେଲା ଜେଲ୍ ରୋଡ ରାମନଗରଠାରେ କର୍ମଚାରୀ ରାଜ୍ୟ ବୀମା ଆଦର୍ଶ ଚିକିତ୍ସାଳୟ (ଇଏସ୍‌ଆଇ) ସ୍ଥାପିତ ହୋଇଛି। ଏଠାରେ ରୋଗୀମାନଙ୍କୁ ଆବଶ୍ୟକ ଚିକିତ୍ସା ସେବା ଉପଲବ୍ଧ ହେଉନାହିଁ। ଏ ନେଇ ହିନ୍ଦ୍ ମଜଦୁର ସଭା ସମ୍ପାଦକ ଦିଗମ୍ବର ମହାନ୍ତି ଅଭିଯୋଗ କରି କହିଛନ୍ତି, ଏହି ହସ୍ପିଟାଲରେ ଆଇସିୟୁ ବ୍ୟବସ୍ଥା, ପୋଡାଜଳା ବିଭାଗ ନାହିଁ। ଚର୍ମରୋଗ କି ଭେଷଜ ବିଶେଷଜ୍ଞ ମଧ୍ୟ ନାହାନ୍ତି। ହସ୍ପିଟାଲରେ ଚକ୍ଷୁ ଓ ଦନ୍ତ ଅସ୍ତ୍ରୋପଚାର ମଧ୍ୟ ହେଉନାହିଁ। ୩ ମାସ ହେଲା ହସ୍ପିଟାଲ ଏକ୍ସ-ରେ ମେଶିନ ଅଚଳ ଥିବାବେଳେ କାର୍ଯ୍ୟକ୍ଷମ କରାଯାଉନି। ଫଳରେ ରୋଗୀମାନେ ଖର୍ଚ୍ଚାନ୍ତ ହେଉଛନ୍ତି। ହସ୍ପିଟାଲକୁ ଆସୁଥିବା ଜରୁରୀକାଳୀନ ମାମଲା ଅନ୍ୟ ମେଡିକାଲକୁ ରେଫର କରାଯାଉଛି। ୨୦୧୯ ପୂର୍ବରୁ ଏଠାରେ ଜଣେ ଦନ୍ତ ଚିକିତ୍ସକ ଥିଲେ। ସେ ପାର୍ଟଟାଇମ ଚିକିତ୍ସା କରୁଥିଲେ। ମାତ୍ର ଦନ୍ତ ରୋଗ ଚିକିତ୍ସକ ହସ୍ପିଟାଲ ଛାଡିବା ପରେ କେହି ଯୋଗ ଦେଇନାହାନ୍ତି ବୋଲି ମହାନ୍ତି କହିଛନ୍ତି।

ପଶ୍ଚିମ ଓଡିଶାର ଲକ୍ଷାଧିକ କର୍ମଚାରୀଙ୍କ ଶ୍ରମ ଅର୍ଜିତ ଅର୍ଥରାଶିରେ ହସ୍ପିଟାଲ ପରିଚାଳନା ହେଉଛି। ଏହାର ପ୍ରତି ବଦଳରେ ରୋଗୀମାନଙ୍କୁ ଶତ ପ୍ରତିଶତ ମାଗଣା ଚିକିତ୍ସା ସୁବିଧା ମିଳିବା କଥା। ପ୍ରତିଦିନ ୬ଶହ ରୋଗୀ ହସ୍ପିଟାଲକୁ ଆସୁଛନ୍ତି। ମାତ୍ର ହସ୍ପିଟାଲରେ ଡାକ୍ତର ଅଭାବ ଏବଂ ଆନୁଷଙ୍ଗିକ ସମସ୍ୟା ଯୋଗୁ ରୋଗୀମାନଙ୍କୁ ଉପଯୁକ୍ତ ସେବା ମିଳିପାରୁନାହିଁ। ସେହିପରି ରୋଗୀମାନଙ୍କୁ ଦିଆଯାଉଥିବା ଖାଦ୍ୟ ନିମ୍ନମାନର ଓ ଅରୁଚିକର। ସେମାନଙ୍କୁ ପ୍ରୋଟିନ ଯୁକ୍ତ ଖାଦ୍ୟ ମିଳୁ ନ ଥିବା ମହାନ୍ତି ଅଭିଯୋଗ କରିଛନ୍ତି। ଏସବୁ ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ହସ୍ପିଟାଲ ସମ୍ମୁଖରେ ରାଜ୍ୟ ହିନ୍ଦ୍ ମଜଦୁର ସଂଘ ପକ୍ଷରୁ ଆନ୍ଦୋଳନ ତୀବ୍ର କରାଯିବ ବୋଲି ମହାନ୍ତିଙ୍କ ସମେତ ଅମର ଆଚାର୍ଯ୍ୟ, ମହେଶ୍ୱର ମହାପାତ୍ର, ଜଗବନ୍ଧୁ ଜେନା, ଦିଲ୍ଲୀପ ଜେନା ଓ ବିଜୟ ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ରାଉରକେଲା ଇଏସ୍‌ଆଇ ହସ୍ପିଟାଲ ଅଧୀକ୍ଷକ ଡାକ୍ତର ଜୟନ୍ତୀ ବେହେରା କହିଛନ୍ତି, ଏକ୍ସ-ରେ ମେଶିନ ପାଇଁ ୨୧ ଲକ୍ଷ ଟଙ୍କା ଆବଶ୍ୟକ। ୫୦ଶଯ୍ୟା ବିଶିଷ୍ଟ ଇଏସ୍‌ଆଇ ହସ୍ପିଟାଲରେ ସମସ୍ତ ବ୍ୟବସ୍ଥା ପାଇଁ ଆବଶ୍ୟକ ଜାଗା ନାହିଁ। ମେଡିକାଲ ୭୫ଶଯ୍ୟା ବିଶିଷ୍ଟ ହେବାର ଥିଲା। ମାତ୍ର ଜାଗା ଅଭାବରୁ ଏହା ୫୦ଶଯ୍ୟା ବିଶିଷ୍ଟ କରାଗଲା। ଲ୍ୟାବ୍, ଆଇସିୟୁ ପାଇଁ ସ୍ଥାନ ନାହିଁ। ହସ୍ପିଟାଲରେ ଖାଇବା ସ୍ଥାନ ନାହିଁ। ଜାଗା ମିଳିଲେ ସମସ୍ତ ପ୍ରକାରର ସୁବିଧା ହୋଇପାରନ୍ତା ବୋଲି ବେହେରା କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୯ ଅଗଷ୍ଟ, ୨୦୨୩



## ଆଜି କ'ଣ କେଉଁଠି

**ସମ୍ବଲପୁର**

- ସମ୍ବଲପୁର ଫଟୋଗ୍ରାଫି ଆସୋସିଏଶନ ଓ ଫଟୋଫିଲିକ୍ସ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ, ସାମ୍ବାଦିକ ଭବନ, ଅପରାହ୍ନ ୧୧ଟା।
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗ ପକ୍ଷରୁ ଆଲୋଚନାଚକ୍ର, ଅମୃତ ବିହାରସ୍ଥିତ ଅଧ୍ୟାପନା ପ୍ରକୋଷ୍ଠ -୧, ସନ୍ଧ୍ୟା ୫ଟା।

## ସଂକ୍ଷେପରେ

### ସେପ୍ଟେମ୍ବର ୨୦ରୁ ଜିଲାସ୍ତରୀୟ ଆନ୍ତଃ କ୍ଲବ ଫୁଟ୍‌ବଲ

ସମ୍ବଲପୁର,୧୮।୮(ବି.ଶଙ୍କର)– ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୨୦ତାରିଖରୁ ଜିଲାସ୍ତରୀୟ ଆନ୍ତଃ କ୍ଲବ ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ହେବ। ଏହାକୁ ଦୃଷ୍ଟିରେ ରଖି ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମକୁ ପ୍ରସ୍ତୁତ କରାଯାଉଛି। ଜିଲାର ସମସ୍ତ କ୍ରୀଡ଼ା ସଂଘ, କ୍ଲବ ଓ ଆସୋସିଏଶନ ଏହି ପ୍ରତିଯୋଗିତାରେ ଭାଗ ନେଇପାରିବେ। ତେଣୁ ଅନୁଷ୍ଠାନଗୁଡିକ ଜିଲା କ୍ରୀଡ଼ା ସଂଘ କାର୍ଯ୍ୟାଳୟରେ ପଞ୍ଜୀକରଣ କରିବାକୁ ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, ଫୁଟ୍‌ବଲ ସମ୍ପାଦକ ଅବଦୁଲ ଗଫାର ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

### ବାଇକ୍ ଚୋରିକରି ଫେରାର ମାରୁଥିବା ଯୁବକଙ୍କ ଦୁର୍ଘଟଣାରେ ମୃତ୍ୟୁ

ରେଙ୍ଗାଲି,୧୮।୮(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ଠେଲକଲୋଇ ଥାନା ଅନ୍ତର୍ଗତ ଖିଣ୍ଡା ଛକରେ ବାଇକ୍ ଚୋରି କରି ଫେରାର ମାରୁଥିବା ଜଣେ ଯୁବକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ସୂଚନାକ୍ରମେ ଯୁବକ ଜଣକ ଭୂଷଣ କାରଖାନା ପାର୍କିଂରୁ ବାଇକ୍ ଚୋରିକରି ତରବରିଆ ଭାବେ ଯାଉଥିବାବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଇଛି।

### ତିଜ୍ ମହୋତ୍ସବ ଉଦ୍‌ଯାପିତ



ସମ୍ବଲପୁର,୧୮।୮(ବି.ଶଙ୍କର)

ଅଖିଳ ଭାରତୀୟ ମାରୱାଡି ସମ୍ମେଳନ ପକ୍ଷରୁ ଦୁଇ ଦିବସୀୟ ତିଜ୍ ମହୋତ୍ସବ (ମେଳା) ଶୁକ୍ରବାର ମାରୱାଡି ଧର୍ମଶାଳାଠାରେ ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁରସ୍ଥିତ ସେଣ୍ଟ୍ରାଲ ବ୍ୟାଙ୍କର ପରିଚାଳକ ନିଧି ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବ ବିଷୟରେ ସୂଚନା ଦେଇଥିଲେ। ଏହି ଅବସରରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା।

# ପାଇପ୍ ଚୋରି ର୍‍ୟାକେଟର ପର୍ଦ୍ଦାଫାଶ






ଗିରଫ ଅଭିଯୁକ୍ତ ଏବଂ ଜବତ ପାଇପ୍ ବୋଝେଇ ଟ୍ରକ୍।

## ୯ ଗିରଫ, ୨ କାର୍ ଓ ଟ୍ରକ୍ ଜବତ

ସମ୍ବଲପୁର,୧୮।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ହୀରାକୁଦ ଥାନା ଅଞ୍ଚଳରେ ଆରଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ବିଛା ଯାଇଥିବା ଲୁହା ପାଣି ପାଇପ୍ ଚୋରି ର୍‍ୟାକେଟର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ୯ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ହୀରାକୁଦର ବସୁଦେବ ଓରାମ, ଯଶୋବନ୍ତ ଭୋଇ, ଗୋଲବଜାରର ବିକାଶ ଦାସ, ମାଷ୍ଟର ମାଇଣ୍ଡ ମହମ୍ମଦ ଇମରାନ, ଫରୋଜ ଖାନ, କଟକ ବକ୍ସିବଜାରର ସନ୍ଦିପ ଅଗ୍ରୱାଲ, ପଶ୍ଚିମବଙ୍ଗର ଅମିତ ସାମନ୍ତ, ରାୟପୁରର ସଞ୍ଜୀବ ପଣ୍ଡିତ ଓ ଅନିଲ ପନସାରି। ଅଭିଯୁକ୍ତମାନଙ୍କ ନିକଟରୁ ୨୫୦ ଡିଆଇ ପାଇପ୍, ଏମପି-ଜିଏ-୩୬୪୧ ନମ୍ବର ଟ୍ରକ୍, ଓଡି୧୫ପି-୮୧୩୧ ଓ ଓଡି୦୫-ବିଏମ୍-୭୫୬୮ନଂ. ବିଶିଷ୍ଟ ୨ କାର୍, ୧୦ ଗୋଟି ମୋବାଇଲ, ନଗଦ ୮୭ ହଜାର ଟଙ୍କା ଜବତ ହୋଇଛି। ଏସ୍‌ପି ଅଫିସ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ ଏହି ସୂଚନା ଦେଇଛନ୍ତି।

ସେ ଆହୁରି କହିଥିଲେ, ସରକାର ଘରକୁ ଘର ପାନୀୟ ଜଳ ଯୋଗାଣ ପାଇଁ ଯୋଜନା କରି ପାଇପ୍ ବିଛା କାମ କରୁଛନ୍ତି। ଏହି ପ୍ରକଳ୍ପରେ ଲାଗୁଥିବା ଲୁହା ପାଇପ୍‌କୁ ଏହି ର୍‍ୟାକେଟ ଚତୁରତା ସହ ଚୋରି କରି ନେଉଥିଲେ। ପରେ ସେମାନେ ଏହାକୁ ରାଜ୍ୟ ବାହାର ପଶ୍ଚିମବଙ୍ଗ, ରାୟପୁର ସହିତ କଟକ ଆଦି ଅଞ୍ଚଳକୁ ଚାଲାଣ କରୁଥିଲେ। ହୀରାକୁଦ ଅଞ୍ଚଳରେ ଅଭିଯୁକ୍ତମାନେ ପାଇପ୍ ଚୋରି କରିବା ସମୟରେ ପୋଲିସ ଟିମ୍ ସେମାନଙ୍କୁ କାବୁ କରିନେଇଥିଲା। ଏହି ର୍‍ୟାକେଟ କେବଳ ସମ୍ବଲପୁର ନୁହେଁ ସୁନ୍ଦରଗଡ଼, ବୌଦ୍ଧ, ଝାରସୁଗୁଡ଼ା, ବଲାଙ୍ଗୀର, ସୋନପୁର, ବରଗଡ଼ ଆଦି ଜିଲାରେ ପାଣି ପାଇପ୍ ସହ ଅନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି କରୁଥିଲେ। ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି ସେ ନେଇ ତଦନ୍ତ କରାଯାଉଛି ବୋଲି ଏସ୍‌ପି ଭାମୁ କହିଥିଲେ।

# ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା ଉଦ୍ୟମ

ସମ୍ବଲପୁର, ୧୮।୮(ଶୁଭାଶିଷ ପାଢୀ)

ସମ୍ବଲପୁର ମଣ୍ଡଳ କାରାଗାରର ଜଣେ ବିଚାରାଧୀନ କଏଦୀ ଶୁକ୍ରବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ସମ୍ବଲପୁର କ୍ଷେତରାଜପୁର ଥାନା ଅଞ୍ଚଳର ରାହୁଲ ସୁନା (୨୭)। ରାହୁଲ ଏକ ଚୋରି ମାମଲାରେ ୪ଦିନ ହେଲା ଜେଲକୁ ଆସିଥିଲେ। ପୂର୍ବାହ୍ନରେ ସେ ଜେଲ ଭିତରେ ଥିବା ରେଲିଂରେ ଗାମୁଛା ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ସଦର ଡାକ୍ତରଖାନା ନିଆଯାଇଥିଲା। ସେଠାରୁ ବୁର୍ଲା ଭିମ୍‌ସାରକୁ ସ୍ଥାନାନ୍ତର କରାଯାଇଛି। ଜେଲ ଅଧୀକ୍ଷକ ସନ୍ତୋଷ କୁମାର ବାରିକ କହିଛନ୍ତି, ଜିଆର୍‌ପି ଥାନାର ଏକ ମାମଲାରେ ରାହୁଲ ଗତ ୧୫ ତାରିଖରେ ଜେଲକୁ ଆସିଥିଲେ। ପ୍ରାୟ ୧୧ଟା ସମୟରେ ସେ ଫୋନ ଯୋଗେ ତାଙ୍କ ପରିବାର ସହିତ କଥା ହୋଇଥିଲେ। ହେଲେ ପରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଜେଲ କର୍ମଚାରୀ ଓ ଅନ୍ୟମାନେ ତାଙ୍କୁ ଉଦ୍ଧାର କରିଥିଲେ ବୋଲି ସେ କହିଥିଲେ।

# ଖଡୁରା ସମାଜର ବାର୍ଷିକ ଅଧିବେଶନ




ବୈଠକରେ ଯୋଗଦେଇଥିବା ସମାଜର କର୍ମକର୍ତ୍ତା।

ସମ୍ବଲପୁର,୧୮।୮(ଶୁଭାଶିଷ ପାଢୀ)

ସମ୍ବଲପୁର ଖଡୁରା ସମାଜର ବାର୍ଷିକ ଅଧିବେଶନ ଶୁକ୍ରବାର ବିଜୟ କଲୋନୀସ୍ଥିତ ଜଲାରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ଖଡୁରା ସମାଜର ଯୁଗ୍ମ ସମ୍ପାଦକ ତଥା ଚିପିଲିମା ପାୱାର ହାଉସର ବରିଷ୍ଠ ଅଧିକାରୀ ନବକୃଷ୍ଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଙ୍ଗଠନ ଉପରେ ଆଲୋଚନା ପରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ବିଦେଶୀ ନାୟକ ସଭାପତି, ନିରଞ୍ଜନ ନାୟକ ଉପସଭାପତି, ରାଜେନ୍ଦ୍ର କୁମାର ନାୟକ ସମ୍ପାଦକ, ରବୀନ୍ଦ୍ର କୁମାର ସୁବୁଦ୍ଧି ସହସମ୍ପାଦକ, ପର୍ଶୁରାମ ମହାପାତ୍ର ଓ ବିଜୟ ନାୟକ କୋଷାଧ୍ୟକ୍ଷ ଏବଂ ଶ୍ରୀକାନ୍ତ ନାୟକ, କୃଷ୍ଣଚନ୍ଦ୍ର ନାୟକ, ତ୍ରିନାଥ ନାୟକ, ଟୁନା ନାୟକ, ଅନୀଲ ସେନାପତି, ଗୋପାଳ ନାୟକ ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ମନୋନୀତ ହୋଇଛନ୍ତି।

# ଜେଏସ୍‌ଡବ୍ଲ୍ୟୁ ଇସ୍ପାତ କ୍ଷେତ୍ରରେ ପ୍ରମୁଖ ସ୍ଥାନରେ ରହିଛି



କାର୍ଯ୍ୟକ୍ରମରେ ଉପସ୍ଥିତ ଜେଏସ୍‌ଡବ୍ଲ୍ୟୁ ଅଧିକାରୀ ଓ କର୍ମଚାରୀ।

ସମ୍ବଲପୁର,୧୮।୮(ଶୁଭାଶିଷ ପାଢୀ)

ଜେଏସ୍‌ଡବ୍ଲ୍ୟୁ ଗ୍ରୁପର ପ୍ରମୁଖ କମ୍ପାନୀ ଷ୍ଟିଲପ୍ଲାଣ୍ଟ ସମାଜିକ ଉତ୍ତର ଦାୟିତ୍ୱକୁ ବଜାୟ ରଖିଆସିଛି। ଦେଶରେ ଆର୍ଥିକ ଅଭିବୃଦ୍ଧି ଓ ବିକାଶକୁ ନେଇ କାମ କରୁଛି। ଇସ୍ପାତ କ୍ଷେତ୍ରରେ ଏକ ପ୍ରମୁଖ ସ୍ଥାନରେ ରହିଛି ବୋଲି କମ୍ପାନୀର ସିଇଓ ଜି.ଏସ୍. ରାଠୋର କହିଥିଲେ। ସମ୍ବଲପୁର ଠେଲକୋଲିସ୍ଥିତ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପରିସରରେ ସ୍ୱାଧୀନତା ଦିବସ ଅବସରରେ ସେ ବକ୍ତବ୍ୟ ରଖିଥିଲେ। ଏଥିରେ କମ୍ପାନୀ ଅଧିକାରୀ, କର୍ମଚାରୀ ପରିବାର ସହ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପିସିସିକୁ ୧–୦ ଗୋଲରେ ହରାଇ ଆର୍‌ଏମ୍‌ଏଚ୍‌ଏସ୍ ଦଳ ବିଜୟୀ ହୋଇଥିଲା। ସୁରକ୍ଷା, ନିରାପତ୍ତା, ସଫେଇ ଆଦି ବର୍ଗର କର୍ମଚାରୀ ଓ ପରିବାର ସଦସ୍ୟଙ୍କୁ ନେଇ ପୂର୍ବରୁ ହୋଇଥିବା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# କଲେଜରେ ମତଦାତା ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୧୮।୮(ବି.ଶଙ୍କର)

ସମ୍ବଲପୁର ଜିଲା ମାନେଶ୍ୱରସ୍ଥିତ ମାନଧାତା ବାବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ମତଦାତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାନେଶ୍ୱର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମରଣିକା ତୁଲ ଅତିଥି ଭାବେ ଯୋଗଦେଇ ଭୋଟ ଦେବା ଆମର ଅଧିକାର, ସମସ୍ତେ ସଚେତନ ହୋଇ ନିଜର ମତ ସାବ୍ୟସ୍ତ କଲେ ଯୋଗ୍ୟ ପ୍ରତିନିଧି ପାଇ ପାରିବା ବୋଲି କହିଥିଲେ। ୧୮ ବର୍ଷର ସମସ୍ତେ ନିଜର ନାମ ପଞ୍ଜୀକରଣ କରି ମତଦାତା ହେବାପାଇଁ ସୂଚନା ଦେଇଥିଲେ। ଏ ସମ୍ପର୍କିତ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଅନ୍‌ଲାଇନ ପଞ୍ଜୀକରଣରେ ସହଯୋଗ ପାଇଁ ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ସତ୍ୟନାରାୟଣ ଠାକୁର ଓ ତିନିଜଣ ଛାତ୍ରୀଙ୍କୁ ନେଇ ମିତା ଗ୍ରୁପ ଗଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମାନେଶ୍ୱର ଅଞ୍ଚଳର ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଗଣ୍ଡାରାମ ଘଡିଏଲ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଅଧ୍ୟାପକ ସତ୍ୟ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରେଳ ମଣ୍ଡଳରେ ସଦ୍‌ଭାବନା ଦିବସ



ମଣ୍ଡଳ ପରିଚାଳକ ଅଧିକାରୀମାନଙ୍କୁ ଶପଥପାଠ କରାଉଛନ୍ତି।

ସମ୍ବଲପୁର,୧୮।୮(ବି.ଶଙ୍କର)

ସମ୍ବଲପୁର ରେଳ ମଣ୍ଡଳସ୍ଥିତ ମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ମଣ୍ଡଳ ରେଳ ପରିଚାଳକ ଆନନ୍ଦ ସିଂ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସଦ୍‌ଭାବନା ଦିବସର ଶପଥପାଠ କରାଇଥିଲେ। ସମାରୋହରେ କର୍ମଚାରୀମାନଙ୍କୁ ସଦ୍‌ଭାବନା ଦିବସ ସମ୍ପର୍କରେ ସୂଚିତ କରାଯାଇଥିଲା।

# ଭିସୁଟ୍‌ରେ କ୍ରାନ୍ତି ତୀର୍ଥ କାର୍ଯ୍ୟକ୍ରମ

ସମ୍ବଲପୁର,୧୮।୮(ବି.ଶଙ୍କର)

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ସମ୍ମିଳନୀ କକ୍ଷରେ କ୍ରାନ୍ତି ତୀର୍ଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନ ଅନୁଷ୍ଠାନ ଓ ଭିସୁଟ ଏନ୍‌ଏସ୍‌ଏସ୍ ବ୍ୟୁରୋ ମିଳିତ ଭାବେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝି, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅର୍କକୁମାର ଦାସ ମହାପାତ୍ର ବକ୍ତା ଭାବେ ଯୋଗଦେଇଥିଲେ। ସ୍ୱାଧୀନତା ସଂଗ୍ରାମରେ ବୀର ସୁରେନ୍ଦ୍ର ସାଏଙ୍କ ବୀରତ୍ୱର ଗାଥା ବିଷୟରେ ବକ୍ତାମାନେ ଆଲୋଚନା କରିଥିଲେ। ଏହି ଅବସରରେ ସାଧାରଣ ଜ୍ଞାନ ଓ ରଙ୍ଗୋଲି ପ୍ରତିଯୋଗିତା ହୋଇଥିଲା। ଏଥିରେ ୪୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ଡ. ପ୍ରିୟଦର୍ଶୀ ତାପଶ, ରଞ୍ଜନ ସ୍ୱାଇଁ, ସଂଯୋଜିକା ଡ. ନୂତନ ଶାହା, ଛାତ୍ର ସଂଯୋଜକ ଜ୍ୟୋତିପ୍ରକାଶ ବରାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

# ଜିଏମ୍‌ୟୁ କ୍ୟାମ୍ପସ୍‌ରୁ ଅଲଗା ହେବ ଯୁକ୍ତ୨ କଲେଜ

ଭୁବନେଶ୍ୱର, ୧୮।୮(ଅସମାପିକା ସାହୁ)

ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ)ରେ ଶ୍ରେଣୀଗୃହ ଅଭାବରୁ ଛାତ୍ରୀଛାତ୍ର ପାଠପଢ଼ାରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରେ ୬,୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କ ପାଠପଢ଼ା ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରୁ ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା ଯୁକ୍ତ୨ କଲେଜକୁ ଅଲଗା କରାଯିବ। ବିଶ୍ୱବିଦ୍ୟାଳୟ କୁଳପତି ଏନେଇ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିବା ପରେ ଉଚ୍ଚଶିକ୍ଷା ବିଭାଗ ପ୍ରକ୍ରିୟା ଆରମ୍ଭ କରିଛି। ବିଶ୍ୱବିଦ୍ୟାଳୟ ପରିସରରୁ ଯୁକ୍ତ୨ କଲେଜକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଚିଠି ଲେଖାଯାଇଛି।

ସୂଚନାନୁସାରେ, ଗୋଟିଏ କ୍ୟାମ୍ପସରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚାଲିଥିବାରୁ ଛାତ୍ରୀଛାତ୍ର ସ୍ଥାନାଭାବ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ବିଶ୍ୱବିଦ୍ୟାଳୟର କିଛି ଜାଗା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟକୁ ଦିଆଯାଇଛି। ଏଥିଯୋଗୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ରକ୍ଷଣାବେକ୍ଷଣ ଓ ସମ୍ପ୍ରସାରଣ କାର୍ଯ୍ୟ ପ୍ରଭାବିତ ହେଉଛି। ଏଥିପାଇଁ ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଯେକୌଣସି ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ଶ୍ରେଣୀଗୃହ ଏବଂ ଜାଗା ବିଶ୍ୱବିଦ୍ୟାଳୟର ବ୍ୟବହାର ପାଇଁ ମୁକ୍ତ କରିବାକୁ କୁଳପତି ଅନୁରୋଧ କରିଥିଲେ।

# ମାଗଣା ଚକ୍ଷୁ ପରୀକ୍ଷା ଶିବିର

ସମ୍ବଲପୁର, ୧୮।୮(ଶୁଭାଶିଷ ପାଢୀ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ନିକଟ ଭୁଇଁଡୁଙ୍ଗୁରି ପଡ଼ାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସାମାଜକାର୍ଯ୍ୟ ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାର ସଂସ୍କାର କେନ୍ଦ୍ର ଓ ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁରର ମିଳିତ ସହଯୋଗରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଜ୍ୟୋତିବିହାର ସଂସ୍କାର କେନ୍ଦ୍ର ବୁର୍ଲାଠାରେ ଏହା ଆୟୋଜିତ ହୋଇଥିଲା। ଶିବିରରେ ସମାଜ କାର୍ଯ୍ୟ ବିଭାଗର ସଂଯୋଜକ ସହକାରୀ ପ୍ରାଧ୍ୟାପକ ସୁମନ କେରକେଟା ସଭାପତିତ୍ୱ କରିଥିଲେ। ସହକାରୀ ପ୍ରାଧ୍ୟାପକ ଡ. ମଦନ ବିଶ୍ୱାଳ ଶିବିରକୁ ସଂଯୋଜନା କରିଥିଲେ। ସଂସ୍କାର କେନ୍ଦ୍ରର ପରିଚାଳକ କୁମାର ମହାକୁଡ଼, ରୁକ୍ମଣୀ ବାଗ, ତେଜସ୍ୱୀନି ସିଂ, ସଞ୍ଜନା ନାୟକ, ଜ୍ୟୋତି ଓରାମ, ଯଶୋଦା ଓରାମ, ଲକ୍ଷ୍ମୀ ଓରାମ, କୁନି ସିଂ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ମୋଟ ୪୭ ମହିଳା ଓ ପୁରୁଷଙ୍କ ଚକ୍ଷୁ ପରୀକ୍ଷା ସହ ୧୩ ଜଣଙ୍କୁ ସୁଲଭ ମୂଲ୍ୟରେ ଚଷମା ଦିଆଯାଇଥିଲା। ୫ ଜଣଙ୍କୁ ନିଶୁଳ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ଚିହ୍ନଟ କରାଯାଇ ସମ୍ବଲପୁରର ଜମଦାରପାଲିସ୍ଥିତ ତ୍ରିଲୋଚନ ନେତ୍ରାଳୟକୁ ନିଆଯାଇଥିଲା।




ଶିବିରରେ ଅନୁଷ୍ଠାନର କର୍ମକର୍ତ୍ତା ଓ ଅନ୍ୟମାନେ।

# କଂଗ୍ରେସ ପକ୍ଷରୁ ବ୍ଲକ ଅଫିସ୍ ଘେରାଉ

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ସ୍ମାରକପତ୍ର

କୁଚିଣ୍ଡା,୧୮।୮(ବିରଞ୍ଚି ଦର୍ଶୀ)

ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଶୁକ୍ରବାର କଂଗ୍ରେସ ପକ୍ଷରୁ ୯ଦଫା ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆଙ୍କ ନେତୃତ୍ୱରେ କଂଗ୍ରେସ ଭବନରୁ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକର ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ଆସି କୁଚିଣ୍ଡା ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଘେରାଉ କରିଥିଲେ। ପୂର୍ବତନ ବିଧାୟକ ଛତ୍ରିଆଙ୍କ ସମେତ ରାଜ୍ୟ ସମ୍ପାଦକ ଦିଲିପ କିଷାନ, ବରିଷ୍ଠ କଂଗ୍ରେସ ନେତା ଖଗୁନାଥ ପିଙ୍ଗ, କୁଚିଣ୍ଡା ବ୍ଲକ ସଭାପତି ଲବଣୀଧର ନାଏକ, ବାମରା ବ୍ଲକ ସଭାପତି କ୍ଷୀରୋଦ ସା, ଜମନକିରା ବ୍ଲକ ସଭାପତି କେଦାରନାଥ ବରିହା, ବ୍ୟୋମକେଶ ସାହୁ, ସିଦ୍ଧେଶ୍ୱର ପଣ୍ଡା, ପ୍ରଶାନ୍ତ ଶତପଥି ପ୍ରମୁଖ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଥିଲେ। ବ୍ଲକ ମାନଙ୍କରେ ଚାଲିଥିବା ବ୍ୟାପକ ପିସି କାରବାର ବନ୍ଦ କରିବା, ନବୀନ ଓଡ଼ିଶା ଯୋଜନାରେ ଆସୁଥିବା ୫୦ଲକ୍ଷର ଅନୁଦାନ ସିଧାସଳଖ ପଞ୍ଚାୟତକୁ ଦିଆଯାଇ ଗ୍ରାମସଭାର ପ୍ରସ୍ତାବ ମୁତାବକ ଏହି ଅର୍ଥ ଖର୍ଚ୍ଚ କରିବା, ଅସ୍ଥାୟୀ କର୍ମଚାରୀଙ୍କୁ ନିୟମିତ କରାଯାଇ ବେକାରୀ ଯୁବତୀ ଯୁବକଙ୍କୁ ନିଯୁକ୍ତି ପ୍ରଦାନ, ପେଟ୍ରୋଲ, ଡିଜେଲ, ଗ୍ୟାସ, କିରୋସିନ ସମେତ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଦରଦାମ ହ୍ରାସ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ଦୁର୍ନୀତି ବନ୍ଦ କରିବା ଆଦି ୯ଦଫା ସମ୍ବଳିତ ଦାବିପତ୍ର ବିଡିଓ ନିରଞ୍ଜନ ସାଙ୍କୁ ପ୍ରଦାନ କରିଥିଲେ। ଏହି ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ଯତିନ୍ଦ୍ର ସାହୁ, ସୂର୍ଯ୍ୟକାନ୍ତ ମିଶ୍ର, ପ୍ରଶାନ୍ତ ଶତପଥି, ତିଲେଶ୍ୱର ନାୟକ, ସଚ୍ଚିଦାନନ୍ଦ ସାହୁ, ରାଜୀବ ଚୌଧୁରୀ, ମୀନା କେନ୍ଥୁ, ସୁଷମା ସେନାପତି,ଜୟନ୍ତି ମାଝି, କୁମୁଦିନି ବାଘ, ସୁକାନ୍ତି ପାତ୍ରଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ।



ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

